



୯/୬/୨୦୨୪ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୧୬,୦୦୦/- ସୁନା: ୦୦.୧୫୦ ଗ୍ରାମ୍ ରୁପା: ୪୭.୭୫୦ ଗ୍ରାମ୍



## ସିନିୟର ହ୍ୟାଣ୍ଡବଲ୍ ଚାମ୍ପିୟନସିପ୍

# ସେମିରେ ପୁରୀର ପୁରୁଷ ଦଳ



**ପୁରୀ, ୯।୬(ସମିସ):** କେନ୍ଦୁଝରଠାରେ ଚାଲିଛି ୩୭ତମ ସିନିୟର୍ (ପୁରୁଷ ଓ ମହିଳା) ହ୍ୟାଣ୍ଡବଲ୍ ଚାମ୍ପିୟନସିପ୍। ଏହି ପ୍ରତିଯୋଗିତାରେ ପୁରୀ ଜିଲ୍ଲା ପୁରୁଷ ଦଳର ଖେଳାଳି ମାନେ କୋଚ ରଶ୍ମିରଞ୍ଜନ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଭଲ ପ୍ରଦର୍ଶନ ଜାରି ରଖିଛନ୍ତି। ପ୍ରଥମ ମ୍ୟାଚ୍‌ରେ ଜଗତ୍‌ସିଂହପୁରକୁ ୨୦-୧୮, ପରବର୍ତ୍ତୀ ମ୍ୟାଚ୍‌ରେ ଦେବଗଡ଼କୁ ୧୮-୭ ଏବଂ ବଲାଙ୍ଗିରକୁ ୧୫-୫ରେ ପରାସ୍ତ କରିଥିଲେ। କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱରକୁ ୧୮-୧୨ରେ ପରାସ୍ତ କରି ଯାଜପୁର ଜିଲ୍ଲା ସହ ସେମିଫାଇନାଲ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଛି। ଯାଜପୁର ଜିଲ୍ଲାର ଖେଳାଳିମାନେ ଖୁବ୍ ଭଲ ଖେଳ ପ୍ରଦର୍ଶନ କରି ପ୍ରଥମେ ଖୋର୍ଦ୍ଧା ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଓ କଟକକୁ ପରାସ୍ତ କରିବା ପରେ କ୍ୱାର୍ଟରଫାଇନାଲରେ ଢେଙ୍କାନାଳକୁ ପରାସ୍ତ କରି ପୁରୀ ସହ ସେମିଫାଇନାଲ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା ହ୍ୟାଣ୍ଡବଲ ସଂଘ ସଭାପତି ପାର୍ଥ ସାରଥୀ ମହାପାତ୍ର, ସାଧାରଣ ସମ୍ପାଦକ ସିତେନ୍ଦ୍ର ନାଥ ଦାସ ଏବଂ ରଞ୍ଜିତ ମହାନ୍ତି ପ୍ରମୁଖ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଖାଦ୍ୟ, ପାନୀୟ ଅଭାବ

# ଜଙ୍ଗଲ ଛାଡ଼ି ଜନବସତିମୁହାଁ ହରିଣ

**ପୁରୀ, ୯।୬(ସମିସ)**

ବାଲୁଖଣ୍ଡ ଅଭୟାରଣ୍ୟର ପ୍ରମୁଖ ଆକର୍ଷଣ ହେଉଛନ୍ତି ହରିଣ। ଏଠାରେ ଚିତ୍ରା ହରିଣ ରହିଥିବା ବେଳେ ବାତ୍ୟା ଫନୀ ପରେ ଏମାନଙ୍କ ସଂଖ୍ୟା ହ୍ରାସପାଇଛି। ତେବେ ଯାହା ବି ହରିଣ ଅଛନ୍ତି ସେମାନଙ୍କୁ ଖରାଦିନନେ ପର୍ଯ୍ୟାପ୍ତ ଖାଦ୍ୟ ଓ ପାନୀୟ ମିଳୁ ନ ଥିବା କୁହାଯାଉଛି। ଫଳରେ ବିଭିନ୍ନ ସମୟରେ ବାଟ ହୁଡୁଛନ୍ତି ହରିଣ। ଅନେକ ସମୟରେ ଖାଦ୍ୟ, ପାନୀୟ ଅନ୍ୱେଷଣରେ ଜଙ୍ଗଲରୁ ବାହାରି ହରିଣ ଜନବସତିମୁହାଁ ହେଉଛନ୍ତ। ଫଳରେ ବିଭିନ୍ନ ସମୟରେ ବିପଦରେ ପଡୁଛନ୍ତି। କେତେବେଳେ ବୁଲା କୁକୁରଙ୍କ ଶିକାର ହେଉଛନ୍ତି ତ ପୁଣି କେତେବେଳେ ଗାଡ଼ି ଦୁର୍ଘଟଣା ଏପରି କି ଡ୍ରେନରେ ପଡ଼ି ଏମାନଙ୍କ ଜୀବନ ଯାଉଛି। କେବଳ ବାଲୁଖଣ୍ଡ ଅଭୟାରଣ୍ୟ ନୁହେଁ, ଜିଲ୍ଲାର ବିଭିନ୍ନ ଗ୍ରାମ୍ୟ ଏବଂ ସଂରକ୍ଷିତ ଜଙ୍ଗଲରେ ବି ସମାନ ଅବସ୍ଥା। ଫଳରେ ବନ୍ୟଜନ୍ତୁ ଜନବସତିମୁହାଁ ହେଉଛନ୍ତି। ନିକଟରେ ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ରୋଡରେ ଅବସ୍ଥିତି ବାଲୁଖଣ୍ଡ ଅଭୟାରଣ୍ୟରେ ୨ଟି ହରିଣଙ୍କ ମୃତ୍ୟୁ ହୋଇଛି। ହେଲେ ଦ୍ରୁତ ସହରୀକରଣ ଯୋଗୁ ଏହା ମଧ୍ୟରେ ରହୁଥିବା ଜୀବଜନ୍ତୁଙ୍କ ଜୀବନଶୈଳୀ ପ୍ରଭାବିତ ହେବାରେ ଲାଗିଛି। ଗୋଟିଏପଟେ ଜଙ୍ଗଲ ସଂକୁଚିତ ହେଉଥିବା ବେଳେ ଅନ୍ୟପଟେ ବନ୍ୟପ୍ରାଣୀଙ୍କ ବାସ ପାଇଁ ସଙ୍କଟ ସୃଷ୍ଟି ହେଲାଣି। ବିଶେଷକରି ହରିଣଙ୍କ ପାଇଁ ଖାଦ୍ୟ, ପାନୀୟ ସଙ୍କଟ ଯୋଗୁ ବେଳେ ବେଳେ ସେମାନେ ବାହାରକୁ ଆସି ମୃତାହତ ହେଉଛନ୍ତି। ହରିଣଙ୍କ ପାଇଁ ପର୍ଯ୍ୟାପ୍ତ ଘାଷ ମିଳୁନାହିଁ। ସେହିପରି ଖରାଦିନେ ଅଧିକାଂଶ ତୁଆ ବା ପୋଖରୀ ଶୁଖିଲା ପଡୁଛି। ଫଳରେ ହରିଣ ପର୍ଯ୍ୟାପ୍ତ ପାଣି ପାଉନାହାନ୍ତି। ତେଣୁ ବିଭିନ୍ନ ସମୟରେ ଖାଦ୍ୟ ଏବଂ ପାନୀୟ ଅନ୍ୱେଷଣରେ ଜଙ୍ଗଲ ବାହାରକୁ ଗଲେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏପରି କି ବେଳେବେଳେ ବୁଲା କୁକୁର ଏବଂ ମଣିଷଙ୍କ ଶିକାର ମଧ୍ୟ ପାଲଟୁଛନ୍ତି। ପୂର୍ବରୁ ଏମିତି ଏକାଧିକ ନଜିର ରହିଛି। ସେହିପରି ଡ୍ରେନ୍‌ରେ ପଡ଼ି ବି ହରିଣଙ୍କ ମୃତ୍ୟୁ ହେବାର ଦୃଷ୍ଟାନ୍ତ କିଛି କମ୍ ନାହିଁ।



**ଦୁର୍ଘଟଣାରେ ହେଉଛନ୍ତି ମୃତାହତ**

ଗତ ବୁଧବାର ସକାଳେ ବଳିଆପଣ୍ଡା ଲାଇଟ୍ ହାଉସରୁ ଷ୍ଟର୍ଲିଂ ମଧ୍ୟବର୍ତ୍ତୀ ବେଳାଭୂମିରେ ଏକ ମୃତ ହରିଣ ପଡ଼ିଥିବା ଦେଖିବାକୁ ମିଳିଥିଲା। ସମୁଦ୍ରରେ ବୁଡ଼ି ହରିଣଟିର ମୃତ୍ୟୁ ହୋଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡ଼ିଥିଲା। ତା'ର ବୟସ ୬/୭ ବର୍ଷ ହେବ ବୋଲି ବନ ବିଭାଗ ଅଧିକାରୀ କହିଥିଲେ। ତେବେ ଜଙ୍ଗଲରେ ପାଣି ନ ପାଇ ରାତିରେ ବାହାରକୁ ପାଣି ପିଇବାକୁ ଆସିଥିବା ବେଳେ ଏଭଳି ଅଘଟଣ ଘଟିଥାଇପାରେ ବୋଲି କୁହାଯାଉଛି। ସେହିପରି ପୁରୀ-ସାତପଡ଼ା ରାସ୍ତାରେ ଶନିବାର ରାତିରେ ଏକ ଗାଡ଼ି ଧକ୍କାରେ ହରିଣର ମୃତ୍ୟୁ ହୋଇଥିଲା।

ପଣସପଦା ବିଦ୍ୟୁତ୍ ସବ୍‌ଷ୍ଟେଶନ ନିକଟରେ ହରିଣଟି ମରି ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ଏହି ଦୁଇଟି ଘଟଣା କେବଳ ନିକଟରେ ଘଟିଛି। ନଚେତ୍ ପ୍ରତି ମାସରେ ହରିଣଙ୍କ ମୃତାହତ ଖବର ଆସୁଛି। ବିଶେଷକରି ସେମାନଙ୍କ ଜଙ୍ଗଲରୁ ବାହାରି ଜନବସତିମୁହାଁ ହେବା ସମୟରେ ବିପଦରେ ପଡୁଛନ୍ତି।



ରଥଖଳାରେ ନିମଗ୍ନ ମହାରଣା ସେବକ



କମାରଶାଳରେ ନିମଗ୍ନ କାରିଗର



ଶ୍ରୀଜୀଉଙ୍କ ହାତୀବେଶ ନିର୍ମାଣରେ ବ୍ୟସ୍ତ କାରିଗର (ଫଟୋ: ଅନିଲ)

# ୩୫୦ ୟୁନିଟ୍ ରକ୍ତ ସଂଗ୍ରହ

**ପୁରୀ, ୯।୬(ସମିସ):** ରଥଯାତ୍ରା ଜରୁରୀକାଳୀନ ପରିସ୍ଥିତି ଓ ରକ୍ତ ଭଣ୍ଡାରରେ ରକ୍ତ ଅଭାବକୁ ଦୃଷ୍ଟିରେ ରଖି ପୁରୀର ସ୍ୱେଚ୍ଛାସେବୀ ସଙ୍ଗଠନ ହାପିନେସ୍ ଫାଉଣ୍ଡେଶନ ପକ୍ଷରୁ ରବିବାର ଗୋପବନ୍ଧୁ ଆର୍ୟୁବେଦ ମହାବିଦ୍ୟାଳୟ ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶତାଧିକ ନୂଆ ରକ୍ତଦାତା ରକ୍ତଦାନ କରିଥିବା ବେଳେ ୩୦ ଜଣଙ୍କୁ ରକ୍ତବୀର ସମ୍ମାନରେ ସମ୍ମାନିତ କରାଯାଇଛି। ମୁଖ୍ୟଅତିଥି ଭାବେ ଏସ୍‌ପି ପିନାକ ମିଶ୍ର ଶିବିରକୁ ଉଦ୍‌ଘାଟନ କରି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ପ୍ରଦୀପ୍ତ କୁମାର ପ୍ରଧା. କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟରଞ୍ଜନ ସାହୁଙ୍କ ସମେତ ସଦସ୍ୟ ଶକ୍ତିପ୍ରସାଦ ଦାସ, ଅମିତ୍ କୁମାର ନାୟକ, ରାକେଶ କୁମାର ପରିଡ଼ା, ଅରବିନ୍ଦ ସାହୁ, ବିଜୟ ଉପାଧ୍ୟାୟ, ନରେଶ ଚନ୍ଦ୍ର ପାଲ, ବିଶ୍ୱଜିତ୍ ନାୟକ, ସରୋଜକାନ୍ତ ମଲ୍ଲ, ଅଶୋକ କୁମାର ବାରିକ, ବିଶ୍ୱମୋହନ ପ୍ରଧାନ, ଚନ୍ଦନ ମହାପାତ୍ର, ମାନସ ଚନ୍ଦ୍ର ନାୟକ, ଯଯାତୀ କେଶରୀ ନାୟକ, ସଂଯୋଜିକା ମାମିନା ପ୍ରଧାନ, ରୋଜାଲିନ ସାହୁ, ବିଷ୍ଣୁପ୍ରିୟା ସାହୁ, ସଦସ୍ୟା ମିରା ସାହୁ, ଲିଜା ପ୍ରଧାନ, ଅଭିଜିତା ପ୍ରଧାନ, ତପସ୍ୱିନୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ● ୧୪ରୁ ଦଶମ ଶ୍ରୀକ୍ଷେତ୍ର ରଜ ମହୋତ୍ସବ

# ଦ୍ୱିତୀୟ ସନ୍ଧ୍ୟାରେ ଆଧୁନିକ ସଙ୍ଗୀତ, ତୃତୀୟ ସନ୍ଧ୍ୟାରେ କମେଡି




**ପୁରୀ, ୯।୬(ସମିସ):** ଆସନ୍ତା ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ମାର୍କଣ୍ଡେଶ୍ୱର ସାହି ପାଣ୍ଡ ଜାଗା ପକ୍ଷରୁ ଅନୁଷ୍ଠିତ ହେବ ୧୦ମ ଶ୍ରୀକ୍ଷେତ୍ର ରଜ ମହୋତ୍ସବ। ଏ ନେଇ ରବିବାର ମାର୍କଣ୍ଡେଶ୍ୱର ସାହି ବୁଢୀ ମା' କଲ୍ୟାଣ ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିସ୍ତୃତ ଭାବେ ସୂଚନା ଦିଆଯାଇଥିଲା। ଆଧୁନିକ ସମାଜରେ ଦିନକୁ ଦିନ ଉତ୍କଳୀୟ ପରମ୍ପରା ତା'ର ସତ୍ତା ହରାଉଥିବା ବେଳେ ପାଣ୍ଡ ଜାଗା କିଛିବର୍ଷ ହେବ ରଜ ମହୋତ୍ସବ ଆୟୋଜନ କରିଆସୁଛି। ଏଥିରେ ମହିଳା ଓ ଝିଅମାନଙ୍କୁ ନେଇ ପୁଚି, ଝୋଟି, ଦଉଡ଼ି ଡ଼ିଆଁ, ପିଠା ଓ ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା କରାଯିବ। ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଦ୍ୱିତୀୟ ସନ୍ଧ୍ୟାରେ ଓଡ଼ିଶାର ଖ୍ୟାତ ଯନାମା କଣ୍ଠଶିଳ୍ପୀ ରୁକ୍‌ସୁନା ଓ ତାଙ୍କ ଟିମ୍ ସଙ୍ଗୀତ ପରିବେଷଣ କରିବେ। ତୃତୀୟ ସନ୍ଧ୍ୟାରେ ଓଡ଼ିଶାର ୟୁଟ୍ୟୁବ କମେଡିଆନ ରାଜୁ ଦାସ ଓରଫ୍ ସାହୁବାବୁ ଓ ତାଙ୍କ ଟିମ୍ କମେଡି ମାଧ୍ୟମରେ ଦର୍ଶକଙ୍କୁ ନିର୍ଦ୍ଧିମ ହସାଇବେ। ସେହି ସନ୍ଧ୍ୟାରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ରଜ କୁଇନ ଘୋଷଣା କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ରଜ ମହୋତ୍ସବ କମିଟି ସଭାପତି ଭକ୍ତ ଚରଣ ଦାସ, ସମ୍ପାଦକ ବିଜୟ କୁମାର ସ୍ୱାଇଁ, ପାଣ୍ଡ ଜାଗାର କୋଷାଧ୍ୟକ୍ଷ ଦିଗମ୍ବର ପଣ୍ଡା, ମହୋତ୍ସବ କମିଟିର ବରିଷ୍ଠ ସଦସ୍ୟ ସମୀର କୁମାର ସାମନ୍ତରାୟ, ବିଦ୍ୟାଧର ବେହେରା, ଭବେଶ ସ୍ୱାଇଁ, ବାପିନ ଶତପଥୀ, ତ୍ରିଲୋଚନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଗଣମାଧ୍ୟମକୁ ସମ୍ବୋଧିତ କରିଥିଲେ।

# ଲିଙ୍ଗରାଜ କଳା ନିକେତନର ବାର୍ଷିକ ଉତ୍ସବ

**ପୁରୀ, ୯।୬(ସମିସ):** ସ୍ଥାନୀୟ ପୌରସଦନଠାରେ ରବିବାର ଲିଙ୍ଗରାଜ କଳା ନିକେତନର ୩୪ତମ ବାର୍ଷିକ ଉତ୍ସବ 'ଶ୍ରୀ ଜଗନ୍ନାଥ ଶରଣଂ' ନୃତ୍ୟ, ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରାକ୍ତନ ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ବରିଷ୍ଠ ସେବାୟତ ଭଗବାନ ସୁଆର, ପଦ୍ମନାଭ ଷ୍ଟୁଡିଓର ମୁଖ୍ୟ ସନାତନ ଦାସ, ରାଜ୍ୟ ତଥା କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଓଡ଼ିଶୀ ନୃତ୍ୟ ଗୁରୁ ନୃତ୍ୟାଚାର୍ଯ୍ୟ ଦୁର୍ଗାଚରଣ ରଣବୀର, ଗୁରୁମା ଆରତି ରଣବୀର, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଚକ୍ରଧର ମହାପାତ୍ର, ପ୍ରତିଷ୍ଠାତା ଅଧ୍ୟକ୍ଷ ଗୁରୁ ଧବଳେଶ୍ୱର ମିଶ୍ର, ଉପସଭାପତି ଗଣେଶ୍ୱର ପ୍ରହରାଜ, ଉପାଧ୍ୟକ୍ଷ ଲୋକନାଥ ମିଶ୍ର ଏବଂ ମୁଖ୍ୟ ପରାମର୍ଶଦାତା ଧୀରେନ୍ଦ୍ର ନାଥ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଜଗନ୍ନାଥ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ପଣ୍ଡିତ ପଦ୍ମନାଭ ତ୍ରିପାଠୀଶର୍ମା, ଆନ୍ତର୍ଜାତୀୟ ଓଡିଶୀ ନୃତ୍ୟଗୁରୁ ଡ. ଦୀପ୍ତି ରାଉତ୍ ରାଏଙ୍କୁ ଗୁରୁ ଲିଙ୍ଗରାଜ ମିଶ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ବିଶିଷ୍ଟ ଓଡ଼ିଶୀ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ମୋନାଲିସା ନାଥଙ୍କୁ ନୃତ୍ୟ ଆରତୀ ରଣବୀର ଯୁବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ନୃତ୍ୟ ଗୁରୁ ମନୋଜ ପ୍ରଧାନଙ୍କ ନିର୍ଦ୍ଦେଶନାରେ ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା। ଓଡ଼ିଶୀ ସଙ୍ଗୀତ ଗୁରୁ ପ୍ରକାଶ କୁମାର ରଥଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ, ଛାନ୍ଦ, ଗୀତଗୋବିନ୍ଦ, ପଲ୍ଲୀଗୀତ, ଏକକ ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ ଗାୟନ ଏବଂ ମର୍ଦ୍ଦଳ ଗୁରୁ ଜଗନ୍ନାଥ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକକ ତବଲା ବାଦନ କରାଯାଇଥିଲା। ଅନୁଷ୍ଠାନର ଛାତ୍ରଛାତ୍ରୀ ସିପ୍ରା ମିଶ୍ର, ସୁପ୍ରିୟା ପଲେଇ, ମମତା ଭୋଇ, ଅର୍ଚ୍ଚନା ସାହୁ, କିରଣ ପଟ୍ଟନାୟକ, ଅଭିଲିପ୍ସା ରାଉତରାୟ, ସିମ୍‌ରନ୍ ପରିଡ଼ା, ଭାଗ୍ୟଲକ୍ଷ୍ମୀ ଜେନା, ଗୀତାଞ୍ଜଳି ସ୍ୱାଇଁ, କ୍ରିଷ୍ଣା କାବେରୀ ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ବିଶିଷ୍ଟ ଉଦ୍‌ଘୋଷକ ବିଶ୍ୱଜିତ୍ ବଳିୟାରସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଗୁରୁ ଅଜୟ କୁମାର ମହାନ୍ତିଙ୍କ ନିର୍ଦ୍ଦେଶନାରେ ଏକ ଚିତ୍ରକଳା ପ୍ରଦର୍ଶନୀ ସହ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ବଦଳିଛି ସରକାର

# ପୁରୀ ବିକାଶର ଗତି ଏବେ କୁଆଡ଼େ ?

**ପୁରୀ, ୯।୬(ସମିସ):** ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ପରିଣତ କରିବା ଲାଗି ବିଦାୟୀ ରାଜ୍ୟ ସରକାର ପରିକଳ୍ପନା କରିଥିଲେ। କେବେଳ ପରିକଳ୍ପନା କରି ନ ଥିଲେ ବରଂ ଏଥିପାଇଁ ହାତଖୋଲା ଅନୁଦାନ ମଞ୍ଜୁର କରିବା ସହ କାମ ମଧ୍ୟ ଆରମ୍ଭ କରିଦେଇଥିଲେ। ଫଳସ୍ୱରୂପ ୫ ବର୍ଷ ପୂର୍ବର ପୁରୀ ଏବଂ ଏବେର ପୁରୀ ମଧ୍ୟରେ ବେଶ୍ ଫରକ ବାରି ହୋଇପଡୁଛି। ଅନେକ ମେଗା ପ୍ରକଳ୍ପ ପୁରୀ ମାଟିରେ ଛିଡା ହୋଇଥିବା ବେଳେ ଆଉ କେତେକର କାମ ଚାଲୁଥିଲା ଏବଂ ଆଗକୁ ମଧ୍ୟ ଅନେକ ପ୍ରକଳ୍ପ ଆରମ୍ଭ ହେବା ଲାଗି ନକ୍ସା ପ୍ରସ୍ତୁତ ସରିଥିଲା। ହେଲେ ବଦଳି ଯାଇଛି ସରକାର। ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳର ପରାଜୟ ହୋଇଥିବା ବେଳେ ବିଜେପି ସରକାର ଗଢିବାକୁ ଯାଉଛି। ଏହାରି ଭିତରେ ଏବେ ଅନେକ କିଛି ପରିବର୍ତ୍ତନ ହେବାରେ ଲାଗିଛି। ତେଣୁ ସରକାର ପରିବର୍ତ୍ତନ ପରେ ପୁରୀ ବିକାଶର ଗତି ଏବେ କୁଆଡେ ବୋଲି ପୁରୀବାସୀଙ୍କ ମନରେ ପ୍ରଶ୍ନ ଉଠୁଛି। ବିଦାୟୀ ସରକାର ପୁରୀ ବିକାଶକୁ ନେଇ ଯେଉଁ ନକ୍ସା ଆଙ୍କି ଏହାକୁ ଆଗେଇ ନେଉଥିଲେ ନୂତନ ସରକାର ଏହି ଧାରାକୁ ଅନୁସରଣ କରିବେ ନା ବିକାଶର ଗତିପଥ ବଦଳିଯିବ ତାହାକୁ ନେଇ ଏବେ ଦ୍ୱନ୍ଦ୍ୱରେ ଶ୍ରୀକ୍ଷେତ୍ରବାସୀ।

୨୦୧୭-୧୮ ବର୍ଷରେ ଆରମ୍ଭ ହୋଇଥିଲା ଅବଢ଼ା ଯୋଜନା। ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ଐତିହ୍ୟ ସହର ପୁରୀର ବିକାଶ। ଫନୀ ବାତ୍ୟାରେ ପୁରୀ ସହର ଧ୍ୱସ୍ତବିଧ୍ୱସ୍ତ ହେବା ପରେ ରାଜ୍ୟ ସରକାର ଏହାକୁ ବିଶ୍ୱସ୍ତରୀୟ ଐତିହ୍ୟ ସହର ଭାବେ ଗଢି ତୋଳିବା ପାଇଁ ଘୋଷଣା କରିଥିଲେ। ଏହାକୁ ବାସ୍ତବତାର ରୂପ ଦେବା ଲାଗି ଅବଢ଼ା ଯୋଜନାରେ ପ୍ରାୟ ୨୨ଟି ପ୍ରକଳ୍ପକୁ ସାମିଲ କରିଥିଲେ। ଯେଉଁଥିରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ଶ୍ରୀ ସେତୁ, ମୂଷା ନଦୀର ପୁନରୁଦ୍ଧାର, ବହୁତଳ ପାର୍କିଂ, ପୁରୀ ହ୍ରଦ ଉନ୍ନତିକରଣ ଯୋଜନା, ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର, ଗୃହ ନିର୍ମାଣ ଯୋଜନା, ରଘୁନନ୍ଦନ ପାଠାଗାର, ଅଠରନଳା ଐତିହ୍ୟର ଉନ୍ନତିକରଣ, ଆଚାର୍ଯ୍ୟ ହରିହର ଛକର ପୁନଃ ଉନ୍ନତିକରଣ, ପ୍ରମୋଦ ଉଦ୍ୟମାର ଉନ୍ନତିକରଣ, ଯାତ୍ରୀକା ବହୁତଳ କାର୍ ପାର୍କିଂ, ବିଭିନ୍ନ ମଠର ଉନ୍ନତି ପ୍ରକଳ୍ପ ସାମିଲ କରାଯାଇଛି।

ଅବଢ଼ା ଯୋଜନାରେ ଯେଉଁସବୁ କାମ ଆରମ୍ଭ ହୋଇଥିଲା ତାହା କିପରି ତ୍ୱରାନ୍ୱିତ ହୋଇ ଲୋକଙ୍କ ସେବାରେ ଲାଗିବ ତା' ଉପରେ ଗୁରୁତ୍ୱ ଦେଇଥିଲେ ବିଦାୟୀ ରାଜ୍ୟ ସରକାର। ଫଳସ୍ୱରୂପ କେତେକ ପ୍ରକଳ୍ପ କାମ ପୂର୍ଣ୍ଣାଙ୍ଗ ହୋଇଥିବା ବେଳେ ଆହୁରି ଅନେକ ପ୍ରକଳ୍ପ କାମ ବାକି ରହିଛି। ଶ୍ରୀଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ୍ ସେଣ୍ଟର, ଶ୍ରୀମନ୍ଦିର ପ୍ରଶାସନିକ କୋଠା ନିର୍ମାଣ, ଶ୍ରୀଜଗନ୍ନାଥ ଅଭ୍ୟର୍ଥନା କେନ୍ଦ୍ର, ଜଗନ୍ନାଥ କଲ୍‌ଚର ସେଣ୍ଟର, ପ୍ରମୋଦ ଉଦ୍ୟାନ ଉନ୍ନତିକରଣ, ଗୁରୁକୁଳମ ପ୍ରକଳ୍ପ, ପୁରୀ ଲେକ୍ ପ୍ରୋଜେକ୍ଟ, ମୂଷା ନଦୀ ଉନ୍ନତିକରଣ, ଅଠରନଳା ପ୍ରକଳ୍ପ, ଓ ସେବାୟତ ହାଉସିଂ ପ୍ରକଳ୍ପ ପ୍ରଭୃତି ପୂର୍ଣ୍ଣାଙ୍ଗ ରୂପ ନେଇନାହିଁ। ଏହା ମଧ୍ୟରୁ କେତେକ ଅଧା ଅଧୁରା ରହିଥିବା ବେଳେ ଆଉ କେତେକ କାମ ଆରମ୍ଭ ହୋଇନାହିଁ। ମାର୍କେଟ ଛକସ୍ଥିତ ପୌରସଂସ୍ଥା ମାର୍କେଟ, ମୋଚିସାହି ଛକସ୍ଥିତ ମହୋଦଧି ମାର୍କେଟ କମ୍ପେ୍ଲକ୍ସ ଏବଂ ଜେଲ୍‌ରୋଡସ୍ଥିତ ପୁରୁଷୋତ୍ତମ ପାର୍କିଂ ପରିସରରେ ମାର୍କେଟ କମ୍ପେ୍ଲକ୍ସ ପୂର୍ଣ୍ଣାଙ୍ଗ ହୋଇଥିଲେ ହେଁ ଏପର୍ଯ୍ୟନ୍ତ ଏଠାରେ ଦୋକାନୀଙ୍କୁ ଥଇଥାନ କରାଯାଇନାହିଁ। ତେବେ ଏ ସବୁ ପ୍ରକଳ୍ପର ଭାଗ୍ୟ ଏବେ କ'ଣ ହେବ ତାକୁ ନେଇ ଉଠିଛି ପ୍ରଶ୍ନ।

ପୁରୀକୁ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବା ପାଇଁ ବିଦାୟୀ ସରକାର ଆନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା କରିବା ଲାଗି ଉଦ୍ୟମ ଜାରି ରଖିଥିଲେ। ଏଥିପାଇଁ ଆବଶ୍ୟକ ଜମି ଅଧିଗ୍ରହଣଠାରୁ ଆରମ୍ଭ କରି ଏହାର ନିର୍ମାଣ କିପରି ଆରମ୍ଭ କରାଯିବ ସେ ନେଇ ବାରମ୍ବାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ପୁରୀକୁ ମେଟ୍ରୋ ଚଳାଚଳ, ଏକ୍ସପ୍ରେସ ହାଇୱେ ଭଳି ଅନେକ ବିକାଶମୂଳକ ପ୍ରକଳ୍ପର ଯୋଜନା ମଧ୍ୟ ପ୍ରସ୍ତୁତ କରିଥିଲେ। ରାସ୍ତାଘାଟ ସମ୍ପ୍ରସାରଣ, ପର୍ଯ୍ୟଟନ ଭିତ୍ତିଭୂମି ସୁଦୃଢ ସାଙ୍ଗକୁ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ବ୍ୟାପକ ସୁବିଧା ସୁଯୋଗର ପରିକଳ୍ପନା ମଧ୍ୟ କରିଥିଲେ। ହେଲେ ସରକାର ବଦଳିଯାଇଛି। ଓଡ଼ିଶାରେ ବିଜେପି ସରକାର ଗଢିବାକୁ ଯାଉଥିବା ବେଳେ ପୁରୀ ବିକାଶର ଗତି ଏବେ କେଉଁଆଡେ ବୋଲି ପୁରୀବାସୀଙ୍କ ମନରେ ଉଠିଛି ପ୍ରଶ୍ନ? ଅଧୁରା ଥିବା ପ୍ରକଳ୍ପ କାମ ପୁଣି ଆଗେଇବ, ଆରମ୍ଭ ହୋଇ ନ ଥିବା ପ୍ରକଳ୍ପ ପୁଣି ଆରମ୍ଭ କରାଯିବ ନା ପୁରୀ ବିକାଶର ଯାତ୍ରା ଅଟକିଯିବ ତା' ଉପରେ ଏବେ ସମସ୍ତଙ୍କ ନଜର।




ବଡ଼ଦାଣ୍ଡରୁ ହଟାଯାଉଛି ଶୀତତାପ ନିୟନ୍ତ୍ରିତ ଛାଉଣି

**ପରମିଟ୍ ଥାଇ ଅସ୍ତରଙ୍ଗ ଆସୁନି ବସ୍**

**ଦୁର୍ଦ୍ଦଶା ଭୋଗୁଛନ୍ତି ଯାତ୍ରୀ**

# ‘ମୋ ବସ୍’ ଚଳାଇବାକୁ ଦାବି

ଅସ୍ତରଙ୍ଗ, ୯ ।୬(ସମିସ):



ଅସ୍ତରଙ୍ଗ ବ୍ଲକର ସର୍ବଧର୍ମ ସମନ୍ୱୟର ପୀଠ ଜାହାନିଁଆ ପୀର, ଶକ୍ତି ପିଠ ମା’ ଉଜୁଳେଇ, ଅନନ୍ୟ ପର୍ଯ୍ୟଟନସ୍ଥଳୀ ଗଙ୍ଗା ଦେବୀ ମୁହାଁଣ, ଲବଣ ସତ୍ୟାଗ୍ରହ ପୀଠ କୁହୁଡ଼ି, ନୂଆଗଡ଼ ମାଛଧରା ଜେଟି, ସହନ ଲୁଣା ଜଙ୍ଗଲ, କେଲୁଣୀ ମୁହାଁଣ, ସମେତ କାକଟପୁରର ଆରାଧ୍ୟା ଦେବୀ ମା’ ମଙ୍ଗଳାଙ୍କ ପୀଠକୁ ବର୍ଷ ସାରା ରାଜ୍ୟ ତଥା ରାଜ୍ୟବାହାରୁ ଶହ ଶହ ପର୍ଯ୍ୟଟକ ବୁଲିବାକୁ ଆସୁଥିବା ବେଳେ ଅଞ୍ଚଳର ହଜାର ହଜାର ଲୋକ ବିଭିନ୍ନ କାର୍ଯ୍ୟରେ ବାହାରକୁ ଯିବା ଆସିବା କରିଥାନ୍ତି । କିନ୍ତୁ ପରିତାପର ବିଷୟ ଅସ୍ତରଙ୍ଗ ଠାରୁ କଟକ, ଭୁବନେଶ୍ୱର, ପୁରୀ ପ୍ରଭୃତି ଅଞ୍ଚଳକୁ ଦିନ ୪ଟା ପରେ କୌଣସି ଯାତ୍ରୀବାହୀ ବସ୍ ଚଳାଚଳ କରୁ ନଥିବାବେଳେ ଆସୁଥିବା ଅନେକ ବସ୍‌ର ଅସ୍ତରଙ୍ଗ ପରିମିଟି ଥାଇ ମଧ ବର୍ଷ ବର୍ଷ ଧରି ଅସ୍ତରଙ୍ଗ ନଆସି କାକଟପୁରରେ ରହିଯାଉଛନ୍ତି । ଫଳରେ ଯାତ୍ରୀ, ପର୍ଯ୍ୟଟକ, ଭକ୍ତମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହିତ ଅଟୋରେ ଅଧିକ ଭଡା ଦେଇ ଯିବା ଆସିବା କରୁଛନ୍ତି ତେଣୁ ଅସ୍ତରଙ୍ଗ ଅଞ୍ଚଳକୁ ପୁରୀ, ଭୁବନେଶ୍ୱର, କଟକରୁ ଅସ୍ତରଙ୍ଗକୁ ‘ମୋ ବସ୍’ଚଳାଇବା ସହିତ ପରିମିଟି ଥାଇ ଅସ୍ତରଙ୍ଗ ଆସୁନଥିବା ବସ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳର ବୁଦ୍ଧିଜୀବୀ, ବ୍ୟବସାୟୀ ମହାସଂଘ, ଅସ୍ତରଙ୍ଗ ସାମ୍ବାଦିକ ସଂଘ ପ୍ରଶାସନ ଏବଂ ପରିବହନ ବିଭାଗଙ୍କ ପାଖରେ ଦାବି ରଖିଛନ୍ତି । ତେଣୁ ତୁରନ୍ତ ପରିବହନ ବିଭାଗ ଏବଂ ପ୍ରଶାସନ ଦୃଷ୍ଟି ଦେଇ ଅସ୍ତରଙ୍ଗ ଅଞ୍ଚଳକୁ ‘ମୋ ବସ’ ଚଳାଇବା ସହିତ ଅସ୍ତରଙ୍ଗ ପରିମିଟି ଥିବା ସମସ୍ତ ବସ ଅସ୍ତରଙ୍ଗ ଆସିବା ବ୍ୟବସ୍ଥା କରିଲେ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଯାତାୟାତ ସମାସ୍ୟ ଦୂର ହୋଇପାରନ୍ତା ।

# ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ନିମାପଡ଼ା, ୯।୬( ସମିସ): ନିମାପଡ଼ା ଥାନା ଅନ୍ତର୍ଗତ ଅରିଷଣ୍ଡ ପଞ୍ଚାୟତ ବାମଦେଇପୁର ଗ୍ରାମରେ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ମୃତ ମହିଳା ଜଣଙ୍କ ଉକ୍ତ ଗ୍ରାମର ପ୍ରତାପ ଦେଠୀକ ପତ୍ନୀ ଅହଲ୍ୟା ଦେଠୀ(୩୮) । ଅହଲ୍ୟା ଘରେ ଶୋଇଥିବା ବେଳେ ଏକଲ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା । ପରିବାର ଲୋକ ଚିକିତ୍ସା ପାଇଁ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏସମ୍ପର୍କରେ ତାଙ୍କ ସ୍ୱାମୀ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି ।

# ବିଧାୟିକା ପ୍ରଭାତୀଙ୍କ ବିଜୟ ଶୋଭାଯାତ୍ରା



ନିମାପଡ଼ା, ୯ ।୬(ସମିସ): ନିମାପଡ଼ା ବିଜୟୀ ବିଜେପି ବିଧାୟିକା ପ୍ରାର୍ଥୀ ପ୍ରଭାତୀ ପରିଡ଼ା ନିମାପଡ଼ା ନିର୍ବାଚନ ମଣ୍ଡଳୀ ହରିପୁର ଠାରୁ ବିରାଟ ବିଜୟ ଶୋଭାଯାତ୍ରାରେ ବାହାରି ଖେଲାର, ଧନୁଆ, ରଟିଲୋ, ଜୟଶ୍ରୀଛକ, ନିମାପଡ଼ା, ଚରିଛକ, ଗୋପ ନାଗପୁର ଆଦି ଅଞ୍ଚଳ ପରିକ୍ରମା କରିଥିଲେ । ବିଭିନ୍ନ ଛକ ବଜାରରେ ସମର୍ଥକମାନେ ଉଭୟଙ୍କୁ ପୁଷ୍ପଗୁଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ବିଧାୟିକା ଶ୍ରୀମତୀ ପରିଡ଼ା କହିଥିଲେ ଏହି ବିଜୟ ହେଉଛି ନିମାପଡ଼ା ଓ ଗୋପ ବ୍ଲକ ଜନସାଧାରଙ୍କର ମୁଁ ନିମିତ୍ତ ମାତ୍ର । ଶୋଭାଯାତ୍ରା ବେଳେ ବିଜେପି ସମର୍ଥକମାନେ ବାଣ ଫୁଟାଇ ଖୁସି ମନାଇ ଥିଲେ । ଶୋଭାଯାତ୍ରାରେ ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଏନ୍‌ଏସି ଉପାଧକ୍ଷ ସନ୍ତୋଷ ଦାଶ, ନଗର ବିଜେପି ସଭାପତି ନିରଞ୍ଜନ ନାୟକ, ରାଜକିଶୋର ସାହୁ, ଭଗବାନ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଓଝାଙ୍କ ସମେତ ହଜାର ହଜାର ସଂଖ୍ୟାରେ କର୍ମୀ ସାମିଲ୍ ଥିଲେ ।

# ଐଶାନେଶ୍ୱରଙ୍କ ବିଶ୍ୱଶାନ୍ତି ଯଜ୍ଞ ପାଇଁ କଳସ ଯାତ୍ରା

ଚାରିଛକ, ୯ ।୬(ସମିସ): ପୁରୀ ଜିଲ୍ଲା ଚାରିଛକ ଥାନା ଅନ୍ତର୍ଗତ ବାହାରଣା ଠାରେ ଥିବା ବହୁ ପୁରାତନ ଐଶାନେଶ୍ୱରଙ୍କ ବିଶ୍ୱଶାନ୍ତି ରୁଦ୍ର ଯଜ୍ଞ ପଣ୍ଡିତ ପ୍ରମେଶ କୁମାର ମିଶ୍ରଙ୍କ ପୌରୋହିତରେ ଅନୁଷ୍ଠିତ ହୋଇଯାଇଛି ।ଯଜ୍ଞ ପାଇଁ ଗ୍ରାମରେ ଥିବା କପିଳା ପୋଖରୀରୁ କଳସପାଣି ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । କଳସ ଯାତ୍ରାରେ କର୍ତ୍ତା ପ୍ରଦୀପ କୁମାର ପଣ୍ଡା ଓ କର୍ତ୍ତ୍ରି ବେବିତା ପଣ୍ଡା ସହିତ ଅଜୟ ନାୟକ, ବଡୁଦେବ ବାରିକ, ଅରୁପା ଗିରି, ସମିର ରାଉତରାୟ ସହିତ ୩୦ରୁ ଉର୍ଦ୍ଧ୍ୱ ମହିଳା ମହାକଳସ ଯାତ୍ରାରେ ସାମିଲି ହୋଇଥିଲେ । ବିଶ୍ୱଶାନ୍ତି ରୁଦ୍ର ଯଜ୍ଞ ୯ ତାରିଖରୁ ଆରମ୍ଭ ହୋଇ ୧୧ ତାରିଖରେ ଶେଷ ହେବ ବୋଲି ପଣ୍ଡିତ ଶ୍ରୀ ମିଶ୍ର କହିଛନ୍ତି । ବିଶ୍ୱଶାନ୍ତି ରୁଦ୍ରଯଜ୍ଞରେ ବାହାରଣା, ଖୁଲିସ, ଅଟେଇହୁଡା, ମାଧିପୁର ପ୍ରମୁଖ ଗ୍ରାମର ଗ୍ରାମବାସୀ ସାହାଯ୍ୟ ସହଯୋଗ କରୁଛନ୍ତି ।



**ସାକ୍ଷୀଗୋପାଳ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ**

# ମରିବାର ୯ ମାସ ପରେ ଜମି ବିକ୍ରୟ କବଲା

● ଜମି ହଡପ ପାଇଁ ଚକ୍ରାନ୍ତ

ସାକ୍ଷୀଗୋପାଳ, ୯।୬( ସମିସ): ସାକ୍ଷୀଗୋପାଳ ସବରେଜିଷ୍ଟ୍ରାର ଅଫିସିରେ ପୁଣି ମୃତ୍ୟୁବରଣ କରିବା ପରେ ଜମି କବଲା କରିଥିବା ନେଇ ଏବେ ଆସିଛି ମାମଲା । ଏହା ଆଗରୁ ଏହି ପରି ଅନେକ ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଜମି କିଣାବିକା ହୋଇଥିବା ନଜରି ରହିଛି । ଏଠାରେ ପଇସା ଦେଲେ ମରିବା ଲୋକ ପୁଣି ବଞ୍ଚିଉଠେ । ସୂଚନାଯୋଗ୍ୟ ଯେ ସତ୍ୟବାଦୀ ଥାନା ଅନ୍ତର୍ଗତ ଶୁକଳ ପଞ୍ଚାୟତର ବାମବରଡା ଗ୍ରାମର ରାମ ମଲିକଙ୍କ ଗୋଟିଏ ପୁଅ ତ୍ରିନାଥ ମଲିକ ଓ ରଙ୍ଗ, ସୁନ୍ଦରୀ ମଲିକ ନାମରେ ଦୁଇଟି ଝିଅ ଅଛନ୍ତି । ସେମାନଙ୍କ ବାପା ରାମ ମଲିକ ୧୨.୮.୨୦୦୦ ମସିହାରେ ମୃତ୍ୟୁବରଣ କରିଥିଲେ । ଯାହାକି ସାକ୍ଷୀଗୋପାଳ ସ୍ଥିତ ଅଳଗୁମ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମୃତ୍ୟୁ ପଞ୍ଜିକରଣରୁ ଜଣାପଡେ । ମାତ୍ର ୧୮.୫.୨୦୦୧ ମସିହାରେ ବାମବରଡା ମୌଜରେ ଥିବା ଖାତାନଂ-୪୪୦, ପ୍ଲଟନଂ-୧୨୨୯ ଓ ଚକଭୁକ୍ତ ହୋଇଥିବା ନଂ- ୪୬୧ ରେ ଥିବା ଜମି ୦, ୮୪ ଡିସିମିଲି ଜମିକୁ ୧୮.୫.୨୦୦୧ ମସିହାରେ ଗିରିଧାରୀ ମଲିକ ଓ ରମେଶ ମଲିକଙ୍କୁ କବଲା କରିଥିବା କବଲାରୁ ଜଣାପଡ଼ିଛି । ସେହିପରି ଖାତାନଂ- ୪୪୦, ପ୍ଲଟନଂ-୪୧୪ ଓ ଚକନଂ୧୪୩ ଏରିଆ ୦. ୮୦ ଡିସିମିଲକୁ ବିରଞ୍ଚି ପ୍ରଧାନ ଓ ଗୋପିନାଥ ନାଏକ ବେ ଆଇନ ଭାବେ ଦଖଲ କରିଥିବା ଜଣାପଡ଼ିଛି ବୋଲି ତ୍ରିନାଥ ମଲିକ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ଉକ୍ତ କବଲା ଗୁଡିକ ରଦ୍ଧ କରିବା ସହ ତାଙ୍କୁ ନ୍ୟାୟ ଦେବା ପାଇଁ ଗୁହାରୀ କରିଛନ୍ତି । ସୂଚନାଯୋଗ୍ୟ ଯେ ତ୍ରିନାଥ ମଲିକ ବଞ୍ଚିଥିବା ସମୟରେ ତାଙ୍କୁ ମଧ ମୃତ୍ୟୁ ଦର୍ଶାଇ ଦିଆଯାଇଛି ବୋଲି ଅଭିଯୋଗ ଆଣିଛନ୍ତି । ପ୍ରକୃତ ପକ୍ଷେ ରାମ ମଲିକ ମରିବାର ୯ ମାସ ପରେ କିପରି ଜମି କବଲାରେ ଟିପ ଚିହ୍ନ ଦେଲେ ଏବଂ ସେ ଦସ୍ତଖତ କରିବା ଜାଣିଥିଲେ ମଧ ସେ କାହିଁକି ଟିପ ଚିହ୍ନ କଲେ ପ୍ରଶ୍ନବାଚୀ ହୋଇପଡ଼ିଛି । ଅଧିକ ତଦନ୍ତ କରାଗଲେ ସାକ୍ଷୀଗୋପାଳ ସବରେଜିଷ୍ଟ୍ରାର ଅଫିସରେ ହୋଇଥିବା ଘୋଟାଲା ଏବଂ ଏଥିରେ ସମ୍ପୃକ୍ତ ଥିବା କର୍ମଚାରୀଙ୍କ ମୁଖା ଖୋଲିବ ବୋଲି ସାଧାରଣରେ ଦାବି ହେଉଛି ।

## ଶିତଳଷଷ୍ଠୀ ପାଇଁ ତ୍ରିଲୋଚନପୁର ଉତ୍ସବ ମୁଖର



କଣାସ, ୯ ।୬(ସମିସ): କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ପଞ୍ଚାୟତର ତ୍ରିଲୋଚନପୁରର ଆରାଧ୍ୟ ଠାକୁର ପଶ୍ଚିମଶମ୍ଭୁ ବାବା କପିଳେଶ୍ୱର ଦେବଙ୍କ ବିବାହ ବୁଧବାର ୧୦ତାରିଖ ଏବଂ ଶିତଳଷଷ୍ଠୀ ପର୍ବ ୧୧ତାରିଖ ଦିନ ପାଳନ ପାଇଁ ତ୍ରିଲୋଚନପୁର ଗ୍ରାମ ଚଳଚଞ୍ଚଳ ହୋଇଉଠିଛି । ପ୍ରତି ବର୍ଷ ପରି ଶିବ ବିବାହ ଉତ୍ସବ ମହାସମାରୋହରେ ଚଳିତ ବର୍ଷ ପାଳନ ହେଉଥିବା ବେଳେ ଶିତଳଷଷ୍ଠୀ ଦିନ ଶିବ ବୃଷବ ବାହନରେ ପାର୍ବତୀ ଏବଂ ଦୁର୍ଗା ପୃଥକ ଭାବେ ଦୁଇ ବିମାନରେ ଗ୍ରାମ ପରିକ୍ରମା କରିବାପରେ ମନ୍ଦି ନିକଟସ୍ଥ ବାଣ ପଡ଼ିଆକୁ ଯାଇ ନିଜ ନିଜ ଆସ୍ଥାନରେ ବସିବାପରେ ଗ୍ରାମବାସୀ ଦୁଇ ଭାଗରେ ବିଭକ୍ତ ହୋଇ ଆତସବାଜି ପ୍ରତିଯୋଗିତାରେ ଭାଗନେଇ ଥାଆନ୍ତି ।ସେଥିପାଇଁ ଗ୍ରାମରେ ଠାକୁ ଠାଆ ବାଉଁଶଚକ୍ର, କୁମ୍ଭ, ଚେଙ୍ଗ ଓ ବିଭିନ୍ନ ବାଣ ତିଆରି ପାଇଁ ବାରୁଦ ପ୍ରସ୍ତୁତ କରି ବାଣ ତିଆରିରେ ଲାଗିପଡ଼ିଛନ୍ତି ।

## ନୟାହାଟରେ ଟ୍ରାଫିକ ସମସ୍ୟା ଗୁରୁତର

ନୟାହାଟ, ୯ ।୬(ସମିସ):ନୟାହାଟ ବଜାର ଦିନକୁ ଦିନ ସଙ୍କୋଚିତ ହେଉଥିବାରୁ ଲୋକମାନେ ଯାତାୟାତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନୟାହାଟ ଏକ ବ୍ୟବସାୟିକ ପ୍ରତିଷ୍ଠାନ ହୋଇଥିବା ବେଳେ ରାସ୍ତା ଓସାର କରାଯାଉନଥିବାରୁ ଟ୍ରାଫିକ ସମସ୍ୟା ଦିନକୁ ଦିନ ଗୁରୁତର ହେବାରେ ଲାଗିଛି । ହାଟ ଦିନମାନଙ୍କରେ ଯଥା ସୋମ, ବୁଧ, ଶୁକ୍ର, ରବିବାର ଗୁଡ଼ିକରେ ଟ୍ରାଫିକ ସମସ୍ୟା ଶିଙ୍ଗପାନିଆ ଠାରୁ ନୟାହାଟ ହାଇସ୍କୁଲ ପର୍ଯ୍ୟନ୍ତ ବସ୍, ଟ୍ରକ, କାର ଓ ଶହ ଶହ ସଂଖ୍ୟାରେ ବାଇକ୍ ରାସ୍ତା ଉପରେ ଘଣ୍ଟାଘଣ୍ଟା ଅଟକି ରହିଥାଆନ୍ତି । ଜରୁରୀ କାଳୀନ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ମଧ୍ୟ ବାଦ୍ ପଡୁନାହିଁ । ଯାହା ଫଳରେ ଟ୍ରାଫିକ ସମସ୍ୟା ଦୂର କରିବାପାଇଁ ପୁଲିସକୁ ନାକେଦମ ହେବାକୁ ପଡ଼ିଥାଏ । ଗାଡି ଗୁଡିକ ଯିବା ପାଇଁ ପ୍ରଶାସନ ପକ୍ଷରୁ କୁଣ୍ଢେଇ କେନାଲ ବନ୍ଧ ଉପରେ ବାଇପାସ୍ ରାସ୍ତା ନିର୍ମାଣ ହୋଇଥିଲେ ମଧ୍ୟ ଏଥିରେ ଗୋଟିଏ ବଡ ଗାଡି ଗଲେ ଅନ୍ୟ କୌଣସି ଗାଡି ପାସ୍ କରିପାରୁନାହିଁ । ଫଳରେ ନୟାହାଟ ବଜାରର ଟ୍ରାଫିକ ସମସ୍ୟା ସମାଧାନ ପାଇଁ ବାଟ ହେଉଛି ନୟାହାଟ ବଜାରରେ ସରକାରୀ ଯାଗା ଥିବା ବେଳେ ରାସ୍ତାକୁ ଓସାର କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ପାଣି ପମ୍ପ ଚୋରି; ୨ ଗିରଫ

ଚାରିଛକ, ୯।୬(ସମିସ): ଚାରିଛକ ଥାନା ଅନ୍ତର୍ଗତ ପଥରପଦା ଗ୍ରାମରୁ ଏକ ପାଣି ପମ୍ପ ଚୋରି ଅଭିଯୋଗରେ ପୁଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ଅଭିଯୋଗରୁ ଜଣାଯାଏ ଯେ ପଥରପଦା ଗ୍ରାମ ଆର୍ତ୍ତତ୍ରାଣ ଭୋଇ ଚାଷ ଜମିରେ ପାଣି ମଡାଇବା ପାଇଁ ବ୍ୟବହାର କରୁଥିବା ପାଣି ପମ୍ପ ଗତ ସପ୍ତାହରେ ଚୋରି ହୋଇଥିବା ନେଇ ଚାରିଛକ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଗ୍ରହଣ କରି ପୁଲିସ ୭୭/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । କୌଣସି ସୁତ୍ରରୁ ଖବର ପାଇ ଚୋରି ହୋଇଥିବା ଉକ୍ତ ପାଣି ପମ୍ପଟିକୁ ବିକ୍ରୀ କରୁଥିବା ସମୟରେ ପୁଲିସ ହାଣ୍ଡିଆପଡ଼ା ଗ୍ରାମର ସରୁଆ ଭୋଇ ଏବଂ ପଥରପଦା ଗ୍ରାମର ନିକୁ ଦାସ ନିକଟରୁ ଉକ୍ତ ପମ୍ପ ଟିକୁ ଜବତ କରିବା ସହିତ ଉକ୍ତ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି । ଘଟଣାର ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି ।

**ହାଇୱା ଧକ୍କାରେ ଅଷ୍ଟମ ଶ୍ରେଣୀ ଛାତ୍ର ଗୁରୁତର**

## ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ

କଣାସ, ୯ ।୬(ସମିସ): କଣାସ ଥାନା ଅର୍ନ୍ତଗତ ନୂଆଜଗନ୍ନାଥ ସଡକର କୋଟକଣା ଛକ ନିକଟରେ ଟିପ୍ପି ବୋଝେଇ ହାଇୱା ଧକାରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ଗୁରୁତର ହୋଇ ଡାହଣ ଗୋଡଟି ହରାଇଥିବା ଜଣାପଡ଼ିଛି । ଖବର ନେବାରେ ଜଣାପଡ଼ିଛି ଓଡି୦୨ଏଏ-୭୫୪୭ ନମ୍ବର ହାଇୱା ଟିପ୍ପି ବୋଝେଇ କରି ନିରାକାରପୁର ଆଡୁ ନୂଆଜଗନ୍ନାଥ ସଡକରେ ପୁରୀ ଅଭିମୁଖେ ଯାଉଥିବା ସମୟରେ କୋଟଣା ଛକ ନିକଟରେ ମନ୍ଦିଗୋଦା ଗ୍ରାମର ଗବା ନାମକ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ହାଇୱାର ଆଗଚକ ତଳେ ପଡ଼ିଯାଇଥିଲା । ଫଳରେ ତାର ଡାହଣ ଗୋଡ ଉପରେ ଆଗଚକ ମାଡିଯିବାରୁ ଗୋଡଟି ନଷ୍ଟ ହୋଇଯାଇଛି । ଗୁରୁତର ଅବସ୍ଥାରେ ତାକୁ ଚିକିତ୍ସା ପାଇଁ ପୁରୀ ନେଇଯାଇଥିବା ବେଳେ ସେଠାରୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଛି । ଦୁର୍ଘଟଣା ପରେ ପରେ ଆଖପାଖ ଗ୍ରାମବାସୀ ରାସ୍ତାରୋକ କରି ବସି ରହିଥିଲେ । କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ, ଗଡ଼ିଶାଗୋଦା ଆଇଆଇସି ଦୁର୍ଗାଚରଣ ମହାପାତ୍ର, କଣାସ ଥାନା ସବ୍‌ଇନ୍ସପେକ୍ଟର ବିରେନ୍ଦ୍ର କୁମାର ଭୋଇ, ଏଏସ୍‌ଆଇ ଜିତେନ୍ଦ୍ର କୁମାର ଗୁମାନସିଂହ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହିତ ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରିବା ସହିତ ଡ୍ରାଇଭର ସତ୍ୟବ୍ରତ ସ୍ୱାଇଁଙ୍କୁ କଣାସ ଥାନାକୁ ଆଣି ଅଟକ ରଖିବା ପରେ ଉତ୍ୟକ୍ତ ଲୋକମାନେ ରାସ୍ତା ରୋକରୁ ଉଠାଯାଇଥିଲେ ।

# ରାଜ୍ୟସ୍ତରୀୟ ସାହିତ୍ୟ ଆସର ଓ ପ୍ରତିଭା ସମ୍ମାନ ସମାରୋହ

କୋଣାର୍କ, ୯ ।୬(ସମିସ):



କୋଣାର୍କ ଯାତ୍ରୀନିବାସ ସମ୍ମେଳନ କକ୍ଷରେ ରବିବାର କୋଣାର୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ସାହିତ୍ୟ ଆସର, ଆଲୋଚନାଚକ୍ର, କବିତା ପାଠୋତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ପ୍ରଦୀପ କୁମାର ଛାଟୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ତଥା ବିଶିଷ୍ଟ ଲେଖକ ବିରଞ୍ଚି ମିଶ୍ର, ଶିଶୁ ସାହିତ୍ୟିକା ଡଃ ପ୍ରତିଭାରାଣୀ ଷଡଙ୍ଗୀ, ଶିଶୁ ପତ୍ରିକା ବାନରସେନାର ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ସାହିତ୍ୟିକ ପଣ୍ଡିତ ନିତ୍ୟାନନ୍ଦ ଶତପଥୀ, ଶିକ୍ଷାବିତ ଶଶଧର ପଣ୍ଡା, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ବ୍ୟଙ୍ଗ କବି ସମ୍ପଦ କୁମାର ରଥ ଓ ଶିକ୍ଷାବିତ ମନମୋହନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । କୋଣାର୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦର ସମ୍ପାଦକ ଭାଗିରଥୀ ସ୍ୱାଇଁ ବାର୍ଷିକ ବିବରଣୀ ପାଠ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ଉତ୍କଳୀୟ କଳା ସଂସ୍କୃତିର ଚରମ ନିଦର୍ଶନ କୋଣାର୍କ ସୂର୍ଯ୍ୟ ମନ୍ଦିରର ଐତିହ୍ୟ ଓ କଳାକୃତି ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ୧୦୦ରୁ ଉର୍ଦ୍ଧ୍ୱ କବିକବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ କବୟିତ୍ରୀ ମାନସୀ ବେଉରା, କବି ସନ୍ନ୍ୟାସୀ, ବ୍ୟଙ୍ଗ କବି ପ୍ରତାପ ରଶ୍ମି ନାୟକ ଓ ଶିକ୍ଷାବିତ୍ ମନମୋହନ ସ୍ୱାଇଁ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଡଃ ପ୍ରତିଭାରାଣୀ ଷଡଙ୍ଗୀଙ୍କ ରଚିତ ପୁସ୍ତକ ‘କୋଣାର୍କକୁ ଚିଠି’ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ୩୦ରୁ ଉର୍ଦ୍ଧ୍ୱ କବିକବୟିତ୍ରୀଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦର ସଚ୍ଚିଦାନନ୍ଦ ଗୋଛାୟତ, ବିରଞ୍ଚି ନାରାୟଣ ମିଶ୍ର, ସୁକାନ୍ତ କୁମାର ବିଶ୍ୱାଳ, ଯୋଗଗୁରୁ ମହେଶ୍ୱର ସାମଲ, ଜ୍ଞାନ ରଞ୍ଜନ ବିଶ୍ୱାଳ ଓ ସଂଗଠନ ର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ ।



### ରକ୍ତ ସମସ୍ୟାରେ ଜର୍ଜରିତ ରୋଗୀ

# ପରିଚାଳନା ଅବ୍ୟବସ୍ଥାରେ ରକ୍ତ ଭଣ୍ଡାର

ନୟାଗଡ଼, ୯।୬(ସମିସ)

ନୟାଗଡ଼ ରକ୍ତ ଭଣ୍ଡାରରେ ବ୍ୟାପକ ସମସ୍ୟା ତଥା ପରିଚାଳନା ଗତ ତ୍ରୁଟି ନଜରକୁ ଆସୁଛି। ବାରମ୍ବାର ରକ୍ତ ସଙ୍କଟ ପରିସ୍ଥିତି ସୃଷ୍ଟି କରାଯାଉଛି। ରକ୍ତ ଭଣ୍ଡାର ପରିଚାଳନାରେ ଅବହେଳା କାରଣରୁ ରକ୍ତ ଅଭାବ

**● ରକ୍ତ ଥାଇ ରୋଗୀଙ୍କୁ ନାଁ, କେବେ ବଦଳିବ ସ୍ଥିତି**

ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ଅନେକ ରୋଗୀ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ନୟାଗଡ଼ ରକ୍ତ ଭଣ୍ଡାରର ଅନେକ ସୁନାମ ରହିଥିଲା। ନୟାଗଡ଼ ଜିଲ୍ଲାରେ ଆବଶ୍ୟକ ଅନୁସାରେ ରକ୍ତ ମିଳିବା ସହ ନିକଟସ୍ଥ ଖୋର୍ଦ୍ଧା ଜିଲ୍ଲାକୁ ମଧ୍ୟ ରକ୍ତ ଯୋଗା ଯାଉଥିଲା। ଏବେ ବିଭିନ୍ନ ଅନୁଷ୍ଠାନ ଗୁଡିକ ପକ୍ଷରୁ ରକ୍ତଦାନ ଶିବିର ସଂଖ୍ୟା ହ୍ରାସ ଘଟୁଥିବା କାରଣରୁ ସମସ୍ୟା ଦ୍ୱିଗୁଣିତ ହୋଇଛି। ନୟାଗଡ଼ ରକ୍ତ ଭଣ୍ଡାର ଦାୟିତ୍ୱରେ ରହିଥିବା ଅଧିକାରୀ ସମସ୍ୟାକୁ




ଦୂରିଭୂତ କରିବାରେ ବିଫଳ ବୋଲି ଆଲୋଚନା ହେଉଛି। ନୟାଗଡ଼ ରକ୍ତ ଭଣ୍ଡାରରେ ରକ୍ତ ଥାଇ ମଧ୍ୟ ଅନେକ ରୋଗୀଙ୍କୁ ଫେରାଇ ଦିଆଯାଉଥିବା ବେଳେ ଅନେକ ସମୟରେ ରକ୍ତ ପ୍ୟାକେଟ ମେଡିକାଲ ପରିସରରେ ପଡୁଥିବା ଦେଖିବାକୁ ମିଳିଛି। ରବିବାର ସନ୍ଧ୍ୟା ୫ ଘଟିକା ସୁଦ୍ଧା ନୟାଗଡ଼ ରକ୍ତ ଭଣ୍ଡାରରେ ୨୨ ୟୁନିଟ୍ ରକ୍ତ ରହିଥିବା ଦେଖାଯାଇଛି। ଆବଶ୍ୟକତା ଅନୁସାରେ ଏହା ସମୁଦ୍ରକୁ ଶଙ୍ଖେ ହୋଇଥିବା ବେଳେ ବିଭିନ୍ନ କିସମର ରକ୍ତ ନଥିବା ଦେଖାଯାଇଛି। ରକ୍ତ ଭଣ୍ଡାରରେ 'ଏ' ପଜିଟିଭ୍ ବ୍ଲଡ୍ ୬ ୟୁନିଟ୍ ରହିଥିବା ବେଳେ ଏ ନେଗେଟିଭ୍ ରକ୍ତ ଆଦୌ ନାହିଁ। ସେହିଭଳି ଭାବେ ବି ପଜିଟିଭ୍ ବ୍ଲଡ୍ ୫ ୟୁନିଟ୍ ରହିଥିବା ବେଳେ ବି ନେଗେଟିଭ୍ ବ୍ଲଡ୍ ଆଦୌ ନାହିଁ। ସେହିଭଳି ଭାବେ ଏବି ପଜିଟିଭ୍ ବ୍ଲଡ୍ ୧ ୟୁନିଟ୍ ରହିଥିବା ବେଳେ ଏବି ନେଗେଟିଭ୍ ରକ୍ତ ଆଦୌ ନାହିଁ। ସେହିଭଳି ଭାବେ ଓ ପଜିଟିଭ୍ ରକ୍ତ ୧୦ ୟୁନିଟ୍ ରହିଥିବା ବେଳେ ଓ ନେଗେଟିଭ୍ ରକ୍ତ ଆଦୌ ନଥିବା ସୂଚନା ମିଳିଛି। ନେଗେଟିଭ୍ ବ୍ଲଡ ଗ୍ରୁପ ରକ୍ତ ରକ୍ତ ଭଣ୍ଡାରେ ଆଦୌ ନଥିବା ବେଳେ ଓ ପଜିଟିଭ୍ ରକ୍ତ ଥାଇ ମଧ୍ୟ ରୋଗୀଙ୍କୁ ନାହିଁ କହି କିଛି କର୍ମଚାରୀ ଫେରାଇ ଦେଇଥିବା ଅଭିଯୋଗ ହୋଇଛି। ରକ୍ତ ଦିଅ, ରକ୍ତ ନିଅ ନୀତିରେ କିଛି ମାସ ହେଲା ରକ୍ତ ଭଣ୍ଡାର ଚାଲିଥିବା ବେଳେ ଅନେକ ରକ୍ତକୁ ଦଲାଲଙ୍କ ଜରିଆରେ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିନରେ ରହିଥିବା ରକ୍ତ ଭଣ୍ଡାରରେ ଏଭଳି ସମସ୍ୟାକୁ ଦୂର କରିବା ପାଇଁ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଦୀର୍ଘଦିନ ଧରି ଆସ୍ଥାନ ଜମାଇ ରଖିଥିବା ଅଧିକାରୀଙ୍କ ବଦଳରେ ଅନ୍ୟଙ୍କୁ ଦାୟିତ୍ୱ ଦିଆଯିବା ସହ ନୂତନ ପରିଚାଳନା କମିଟି ଗଠନ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ରାଜନୀତିରୁ ସନ୍ନ୍ୟାସ ନେଲେ ଶେଷଦେବ

**ଗଣିଆ, ୯।୬(ସମିସ):** ନୟାଗଡ଼ ଜିଲ୍ଲା ବିଜୁ ଜନତା ଦଳର ଉପସଭାପତି



ତଥା ଗଣିଆ ବ୍ଲକର ପୁର୍ବତନ ବ୍ଲକ ଅଧକ୍ଷ ତଥା ଜଣେ ସମାଜସେବୀ ଭାବେ ପରିଚିତ ଶେଷଦେବ ସ୍ୱାଇଁ ନିର୍ବାଚନୀ ରାଜନୀତିରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ସେ ନୟାଗଡ଼ ଜିଲ୍ଲା ବିଜୁ ଜନତା ଦଳର ସଭାପତିଙ୍କୁ ପତ୍ର ମାଧ୍ୟମରେ ନିଜର ଉପ ସଭାପତି ପଦବୀରୁ ସ୍ୱେଚ୍ଛାକୃତ ଭାବେ ଅବସର ନେଉଥିବା ଦର୍ଶାଇଛନ୍ତି। ଏହା ସହିତ ଭବିଷ୍ୟତରେ ନିର୍ବାଚନ ଲଢ଼ିବେ ନାହିଁ ବୋଲି ଜଣାଇଥିବା ଗଣମାଧ୍ୟମକୁ କହିଛନ୍ତି। ସୂଚନାଥାଉକି ୨୦୧୭ ମସିହାରେ ଛାମୁଣ୍ଡିଆ ପଞ୍ଚାୟତରୁ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇ ପରବର୍ତ୍ତୀ ସମୟରେ ବ୍ଲକ ଅଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୯ ମସିହାରୁ କନ୍ଧମାଳ ସାଂସଦଙ୍କ ଗଣିଆ ବ୍ଲକ ପ୍ରତିନିଧି ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ବେଳେ ନୟାଗଡ଼ ଜିଲ୍ଲା ବିଜୁ ଜନତା ଦଳର ଉପସଭାପତି ଭାବେ ମଧ୍ୟ କାର୍ଯ୍ୟ କରି ଆସୁଥିଲେ। କିନ୍ତୁ ହଠାତ ଶ୍ରୀ ସ୍ୱାଇଁ ନିର୍ବାଚନ ଲଢ଼ିବେ ନାହିଁ ବୋଲି ରବିବାର ଗଣମାଧ୍ୟମକୁ କହିଛନ୍ତି। ଶ୍ରୀ ସ୍ୱାଇଁ ଗଣିଆ ତଥା ନୟାଗଡ଼ ଜିଲ୍ଲାରେ ଜଣେ ସମାଜସେବୀ ତଥା ସଂଗଠକ ଭାବରେ ବେଶ ଖ୍ୟାତି ଅର୍ଜନ କରିଥିବା ବେଳେ ସେ ନିର୍ବାଚନ ପ୍ରକ୍ରିୟାରୁ ଅବସର ନେଇଥିବା ଖବର ପ୍ରଚାର ହେବା ପରେ ଗଣିଆବାସୀଙ୍କ ମଧ୍ୟରେ ନୈରାଶ୍ୟ ଭାବ ଦେଖିବାକୁ ମିଳିଛି। ରାଜନୀତିରୁ ସନ୍ନ୍ୟାସ ନେଲେ ମଧ୍ୟ ନିଜ ଅଞ୍ଚଳ ତଥା ଗାଁ ମାଟିର ସେବା କରିବା ପାଇଁ କହିଛନ୍ତି ଶ୍ରୀ ସ୍ୱାଇଁ। ଏପରିକି ଗଣିଆ ଅଞ୍ଚଳର ଜନସାଧାରଣ ତାଙ୍କୁ ୨୦୧୭ ମସିହାରୁ ଏପର୍ଯ୍ୟନ୍ତ ସେବା କରିବାର ସୁଯୋଗ ଦେଇଥିବାରୁ ସେ ଅଞ୍ଚଳର ଜନସାଧାରଣଙ୍କୁ ଧନ୍ୟବାଦ ଦେବା ସହିତ କୃତଜ୍ଞତା ଜଣାଇଛନ୍ତି।

## ଖଣ୍ଡପଡ଼ାରେ 'ନୟାଗଡ଼ ଡ୍ୟାନ୍ସ ନୟାଗଡ଼' ଅଡିସନ୍



**ଖଣ୍ଡପଡ଼ା, ୯।୬(ସମିସ):** ନୟାଗଡ଼ର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପରିଷଦ ସୃଜନିକା ପକ୍ଷରୁ ଆଜି ସ୍ଥାନୀୟ ଆଟିଆଇ ସଭାଗୃହରେ 'ନୟାଗଡ଼ ଡ୍ୟାନ୍ସ ନୟାଗଡ଼'ର ଅଡିସନ୍ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆଇଟିଆଇର ପରିଚାଳକ ପ୍ରଦୀପ କୁମାର ବଳିୟାରସିଂ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥି ଭାବେ ଶିଶୁକବି କାଶୀନାଥ ଦାସ ଓ ସମାଜସେବୀ ଦାମୋଦର ସାହୁ ଯୋଗ ଦେଇଥିଲେ। ପରିଷଦର ଉପ ସଭାପତି ନିଳୀମା ନନ୍ଦ ଓ ଟ୍ରଷ୍ଟି ଦେବେନ୍ଦ୍ର ପ୍ରସାଦ ପରମଗୁରୁ ପ୍ରତିଯୋଗିତାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇ ପରିଷଦ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ପରିଷଦର ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ର ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସଙ୍ଗେ ପ୍ରତିଯୋଗିତାର ନୀତି ଓ ନିୟମ ସମ୍ପର୍କରେ ଅବଗତ କରାଇଥିଲେ। ଭାବଗ୍ରାହୀ ମହାପାତ୍ର, ଯଶୋବନ୍ତ ପଟ୍ଟନାୟକ ଓ ରଞ୍ଜନ କୁମାର ଦାଶ ବିଚାରକ ରୂପେ ଯୋଗ ଦେଇଥିଲେ। ମୋଟ ୩୬ ଜଣ ପ୍ରତିଯୋଗୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଜ୍ୟୋତିର୍ମୟୀ ଓଝା, ରଚିତା ପ୍ରିୟଦର୍ଶିନୀ ସାହୁ, ସୀମା ପ୍ରଧାନ, ପ୍ରଜ୍ଞା ପାରମିତା ଦାଶ ଓ ବଂଶିକା ସାଇକ୍ରପା ସେମି ଫାଇନାଲକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ପ୍ରତିଯୋଗିତାକୁ ପରିଷଦ ସଚିବ ନିର୍ମଳ ଚନ୍ଦ୍ର ଶୂରଦେଓ ପରିଚାଳନା କରିଥିଲେ।

## ଅଗ୍ନି ବିପନ୍ନଙ୍କୁ ସରପଞ୍ଚ ସଂଘର ସହାୟତା

**ଗଣିଆ, ୯।୬(ସମିସ):** ଗଣିଆ ବ୍ଲକ ରାସଙ୍ଗ ପଞ୍ଚାୟତ କେନ୍ଦୁପଲ୍ଲୀ ଗ୍ରାମରେ ଗତ ଶୁକ୍ରବାର ଅରାହ୍ନରେ ବଜ୍ରପାତରେ ୬ଟି ପରିବାରରେ ୧୨ ବଖରା ପୋଡ଼ି ଯାଇଥିଲା। ଶନିବାର ଅପରାହ୍ନରେ ଗଣିଆ ବ୍ଲକ ସରପଞ୍ଚ ସଂଘର ସଭାପତି ତଥା ରାସଙ୍ଗ ପଞ୍ଚାୟତ ସରପଞ୍ଚ ମାନସ କୁମାର ମହାଖୁଡ, ସମ୍ପାଦକ ଗଣିଆ



ସରପଞ୍ଚ ଗିରିଧାରୀ ସେଠୀ ବିପନ୍ନ ପରିବାର ଲୋକଙ୍କ ପାଖରେ ପହଞ୍ଚି ବିଭିନ୍ନ ବାସନକୁସନ, ଲୁଗାପଟା, ଶୁଖିଲା ଖାଦ୍ୟ, ଚାଉଳ, ଡାଲି ଆଦି ସହାୟତା ପ୍ରଦାନ କରିଥିଲେ। ତେବେ ବିପନ୍ନ ପରିବାର ଗୁଡ଼ିକୁ ଖୁବ୍ ଶୀଘ୍ର ସରକାରୀ ସହାୟତା ସହ ଆବାସ ଯୋଜନା ରେ ସାମିଲ କରାଯାଇ ଆବାସ ଯୋଗାଇ ଦେବା ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ଯୋଗାଣ ବିଭାଗ ନିଘୋଡ଼ ନିଦ୍ରାରେ

## ଶବ ପୋଡ଼ିବାକୁ ବି କିରୋସିନ ମିଳୁନି

ନୟାଗଡ଼, ୯।୬(ସମିସ): ନୟାଗଡ଼ ଜିଲ୍ଲାକୁ ଦୀର୍ଘଦିନ ହେବ କିରୋସିନ ଆସୁନାହିଁ। ଉପାନ୍ତ ଅଞ୍ଚଳର ଲୋକେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଡିମାଣ୍ଡ ନଥିବା କହି ଯୋଗାଣ ବିଭାଗ ଅଧିନସ୍ଥ କିରୋସିନ ଡିଲରମାନେ କିରୋସିନ ଆଣୁନଥିବା ବେଳେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଗ୍ରାମାଞ୍ଚଳ ବାସୀ। ନୟାଗଡ଼ ଜିଲ୍ଲାରେ ଗତବର୍ଷଠାରୁ ୯୦ ପ୍ରତିଶତ ବିତରଣ କେନ୍ଦ୍ରକୁ କିରୋସିନ ପହଞ୍ଚୁନଥିବା ଅଭିଯୋଗ ହେଉଛି। କିରୋସିନ୍ ମୂଲ୍ୟ ବୃଦ୍ଧିକୁ ଆଳ କରି ଏଭଳି କରାଯାଉଥିବା ବେଳେ ଏବେ ଗାଁ ଗହଳୀରେ ଶବ ସତ୍କାର ସମୟରେ କିରୋସିନ୍ ମିଳୁନଥିବାରୁ ବାଧ ହୋଇ ଡିଜେଲ କିମ୍ବା ଘିଅ ବ୍ୟବହାର କରାଯାଉଛି। କାଳବୈଶାଖି ପାଇଁ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ହେଉଥିବା ବେଳେ ଲୋକମାନେ ଅନ୍ଧାରରେ ସଢୁଛନ୍ତି। ଥିଲା ବାଲା ପରିବାର ଇନଭୋଟର କିମ୍ବା ଏନରଜେନ୍ସି ଲାଇଟ୍ର ସହାୟତା ନେଉଥିବା ବେଳେ ଗରୀବ, ଖଟିଖିଆ ପରିବାରରେ ଡିବି କିମ୍ବା ଲ୍ୟାମ୍ପଟିଏ ଜଳି ପାରୁନାହିଁ। ନୟାଗଡ଼ ଜିଲ୍ଲାରେ ଅନେକ ଆଦିବାସୀ ତଥା ଉପାନ୍ତ ଅଞ୍ଚଳ ରହିଛି। ଯେଉଁଠିକୁ ଆଜି ବି ବିଦ୍ୟୁତ୍ ପହଞ୍ଚି ପାରିନାହିଁ। ନୟାଗଡ଼ ଜିଲ୍ଲା ଓଡଗାଁ ବ୍ଲକ ଅନ୍ତର୍ଗତ ବାଣ୍ଡପୁର ପଞ୍ଚାୟତ ନେପାଳ, ଭୋବସର ଭଳି ଗାଁରେ ସମସ୍ୟା ଉତ୍କଟ ପରିସ୍ଥିତି ସୃଷ୍ଟି କରୁଥିବା ବେଳେ ଦଶପଲ୍ଲା ଓ ଗଣିଆ ଅଞ୍ଚଳର ଆଦିବାସୀ ଅଧିଷିତ ଗ୍ରାମ ଗୁଡିକରେ ମଧ୍ୟ ସମାନ ଅବସ୍ଥା ଦେଖାଯାଇଛି। ଦଶପଲ୍ଲା ବ୍ଲକ ଚଢ଼େୟାପଲ୍ଲୀ, କଳସାଖମଣ, ନୂଆଗାଁ, ବାଣିଗୋଚ୍ଛା ପ୍ରଭୃତି ଅଞ୍ଚଳରେ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି। ସେହିଭଳି ଭାବେ ଗଣିଆ ବ୍ଲକର ଛାମୁଣ୍ଡିଆ ଓ ବଡଶିଳିଙ୍ଗା ପଞ୍ଚାୟତ ଅଧିନସ୍ଥ ୪୦ରୁ ଉର୍ଦ୍ଧ୍ୱ ଗାଁରେ



ସମସ୍ୟା ଉତ୍କଟ ପରିସ୍ଥିତି ସୃଷ୍ଟି ହେଉଛି। ରଣପୁର ବ୍ଲକ ବନ୍ଧମୁଣ୍ଡା, ଖଣ୍ଡପଡ଼ା ବ୍ଲକ କୋସକା, ବଳଭଦ୍ରପ୍ରସାଦ ପ୍ରଭୃତି ପଞ୍ଚାୟତରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ ପରିସ୍ଥିତି ପାଇଁ କିରୋସିନର ଆବଶ୍ୟକତା ରହିଛି। ନୂଆଗାଁ ବ୍ଲକର ଗାତେରୀଠାରୁ ଆରମ୍ଭ କରି ମାଳିସାହି ପର୍ଯ୍ୟନ୍ତ ସାମାନ୍ୟ ଝଡ ବର୍ଷାରେ ବିଦ୍ୟୁତ୍ ବିଚ୍ଛିନ୍ନ ହେଉଥିବାରୁ ଲୋକେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। କିରୋସିନ୍ ଯୋଗାଣକୁ ଦୀର୍ଘଦିନ ହେବ ଯୋଗାଣ ବିଭାଗ ଭୁଲି ଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଅନେକ ସ୍ଥାନରେ ଲୋକେ ସୋଲାର ଲାଇଟ୍ ଉପରେ ଭରସା କରି କାଳାତିପାତ କରୁଥିବା ବେଳେ ଅନେକ ସ୍ଥାନରେ ଗାଁ ମଝିରେ କାଠ ମୁଣ୍ଡା ଜାଳି ରାତି ବିତାଉଛନ୍ତି। ଏନେଇ ଜିଲ୍ଲା ଯୋଗାଣ ଅଧିକାରୀ ବଜେନ୍ଦ୍ର ମହାନ୍ତିଙ୍କ ମତାମତ ନେବାରେ, ବିତରଣ କେନ୍ଦ୍ରର ଆବଶ୍ୟକତାକୁ ନେଇ ଡିଲର ଯୋଗାଇବାକୁ ନିୟମ ରହିଥିବା ସୂଚନା ରହିଛି। ଡିମାଣ୍ଡ ନଥିବାରୁ ଡିଲରମାନେ କିରୋସିନ୍ ଉଠାଉନଥିବା ସୂଚନା ଦେଇଛନ୍ତି। ଯେଉଁଠାରେ ଆବଶ୍ୟକ ରହିଛି, ସେହି ସ୍ଥାନକୁ ଯୋଗାଣ କରିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। କିରୋସିନ୍ ଲିଟର ପିଛା ୭୬ ଟଙ୍କା ସରକାରୀ ଦର ରହିଥିବା କାରଣରୁ ହିତାଧିକାରୀ କିଣିବା ପାଇଁ ଅମଙ୍ଗ ହେଉଥିବା ଅନେକ ସ୍ଥାନରେ ସମସ୍ୟା ହେଉଥିବାକୁ ନେଇ ଆବଶ୍ୟକତା ଥିବା ସ୍ଥାନକୁ ଯୋଗାଣ କରାଯିବା ସବୁଠାରୁ ବଡ ସମସ୍ୟା ହୋଇଛି। କିରୋସିନ୍ ମିଳୁନଥିବାରୁ ଅନେକ ପରିବାର ଅନ୍ଧାରରେ ରାତି ବିତାଉଥିବା ଦେଖିବାକୁ ମିଳିଛି। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଯୋଗାଣ ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ରାଧାକାନ୍ତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ: ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ



**ଓଡ଼ଗାଁ, ୯।୬(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ରାଧାକାନ୍ତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଓଡ଼ଗାଁର ସୁବର୍ଣ୍ଣ ଜୟନ୍ତି ପାଳନ ନିମନ୍ତେ ରବିବାର ଦିନ ବିଦ୍ୟାଳୟ ପରିସରରେ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଜଳନ୍ଧର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟ ସଭାପତି ବରେନ୍ଦ୍ର କୁମାର ନନ୍ଦ, ଓଡ଼ଗାଁ ବାର ଆସୋସିଏସନ୍ ସଭାପତି ଆଡଭୋକେଟ ଗୋବିନ୍ଦ ଚନ୍ଦ୍ର ସାହୁ, ରଘୁନାଥ ଆଥଲେଟିକ୍ ଆସୋସିଏସନ୍ ସମ୍ପାଦକ ଦିବାକର ନାୟକ, ସମାଜସେବୀ ବିଭୁପ୍ରସାଦ ସାହୁ, ପ୍ରଫୁଲ୍ଲ କୁମାର ଡାକୁଆଙ୍କ ସହିତ ବହୁ ସଂଖ୍ୟାରେ ପୁରାତନ ଶିକ୍ଷୟିତ୍ରୀ ଛାତ୍ରୀ ମାନେ ଯୋଗ ଦେଇ ସେମାନଙ୍କ ସୁଚିନ୍ତିତ ମତାମତ ରଖିଥିଲେ। ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରଯାଇଥିଲା। ତଦନୁଯାୟୀ ଚଳିତ ମାସ ଆସନ୍ତା ୨୩ ତାରିଖ ରବିବାର ପୁନର୍ବାର ପରବର୍ତ୍ତୀ ସାଧାରଣର ବୈଠକରେ ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟି ଗଠନ ହେବ। ଏହାପରେ ଉକ୍ତ କମିଟି ସମସ୍ତ କାର୍ଯ୍ୟ ପରିଚାଳନା କରିବ ବୋଲି ନିଷ୍ପତି ହୋଇଥିଲା। ଏବଂ ଏହି ସମୟ ମଧ୍ୟରେ ବିଭିନ୍ନ ପ୍ରସାର ଉତ୍ସର ସହାୟତାରେ ପୁରାତନ ଶିକ୍ଷୟିତ୍ରୀ ଓ ଛାତ୍ରୀଙ୍କ ସହିତ ଯଥା ସମ୍ଭବ ଅଧିକରୁ ଅଧିକ ଯୋଗାଯୋଗ କରି କାର୍ଯ୍ୟକ୍ରମରେ ସାମିଲ୍ କରିବା ପାଇଁ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଦାୟିତ୍ୱ ନେଇଥିଲେ।

**■ ରଜରେ ଉତ୍ସବ ମୁଖର ହେବ ନଛିପୁର**

## ପ୍ରତିଯୋଗିତା ସହ ଲୋକକଳାକୁ ଦିଆଯିବ ସମ୍ମାନ

ନୟାଗଡ଼, ୯।୬(ସମିସ): ପ୍ରତି ବର୍ଷ ରଜ ଆସେ। ଏହି ପର୍ବ ବନ୍ଧୁ ପରିବାର ବର୍ଗଙ୍କ ଠାରୁ ଆରମ୍ଭ ହୋଇ ସାହି ପଡ଼ିଶାମାନଙ୍କ ମଧ୍ୟରେ ଆନନ୍ଦ ଓ ଉଲ୍ଲାସର ବାତାବରଣ ଖେଳାଇ ଦେଇଥାଏ। ଏହି ସଂସ୍କୃତି ତଥା ପର୍ବର ଆଦର ଧିରେ ଧିରେ କମି ଆସୁଥିବା ବେଳେ ସଂସ୍କୃତିକୁ ବଞ୍ଚାଇବା ଉଦ୍ଦେଶ୍ୟରେ ନୟାଗଡ଼ ବ୍ଲକ ଇକିରି ପଞ୍ଚାୟତ ନଛିପୁର ଗ୍ରାମର ଆଲୋକ ଜ୍ୟୋତି ୟୁଥ କ୍ଲବ୍ର ସଦସ୍ୟଙ୍କ ଉଦ୍ୟମ କିଛିବର୍ଷ ହେବ ରଜକୁ ପୁଣି ଥରେ ସଜ କରାଇ ଦେଇଥିଲା। ନୟାଗଡ଼ ସଦରମହକୁମାଠାରୁ ୧୫ କି.ମି ଦୂରତାରେ ରହିଛି ନଛିପୁର ଗାଁ। ବିଗତ ୮ ବର୍ଷ ହେବ ଗାଁରେ ନିଆରା ଭାବେ ପାଳିତ ହେଉଥିବା ରଜ ଉତ୍ସବ ପାଳନ ହୋଇ ଆସୁଛି। କରେନା ମହାମାରୀ ସମୟରେ ରଜକୁ କରୋନା ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ପାଳନ କରାଯାଇଥିଲା। ଏବର୍ଷ ରଜ ଉତ୍ସବ ଧୁମଧାମରେ ପାଳନ କରାଯିବ ବୋଲି ଆଲୋକ ଜ୍ୟୋତି ୟୁଥ କ୍ଲବର ସଭାପତି ସନ୍ତୋଷ କୁମାର ବେହେରା ସୂଚନା ଦେଇଛନ୍ତି। ପ୍ରତିବର୍ଷ ରଜ ଉତ୍ସବରେ ଗାଁରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବଡ ଯାଏଁ ସମସ୍ତଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଗାଁ ସାରା ରଜଗୀତର ଧ୍ୱନିରେ କମ୍ପି ଉଠୁଥିବା ବେଳେ ସମସ୍ତେ ନାଚଗୀତର ମଜା ନେବା ସହ ସାଙ୍ଗକୁ ଦୋଳି ଖେଳ ଖେଳି ରଜକୁ ସ୍ୱାଗତ କରିଥାନ୍ତି। ଏଥି ସହିତ ଆଲୋକ ଜ୍ୟୋତି କ୍ଲବ ଓ ଗ୍ରାମବାସୀଙ୍କ ସହଯୋଗରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗାଁର ଆବାଳ ବୃଦ୍ଧବନିତା ଓ ବାହାରୁ ଆସିଥିବା ଅତିଥିମାନେ ମଧ୍ୟ ସାମିଲ ହୋଇ ନିଜ ନିଜର ପାରଦର୍ଶିତା ଦେଖାଇଥାନ୍ତି। ବିଶେଷ ଆର୍କଷଣ ଯୁବକମାନଙ୍କର ମାଠିଆ ଭଙ୍ଗା। ଆଖିରେ କପଡ଼ା ବାନ୍ଧି ହାତରେ ଖଣ୍ଡେ ଠେଙ୍ଗା ଧରି ଗଛ ଡାଳରେ ବନ୍ଧା ହୋଇଥିବା ମାଠିଆକୁ ଯିଏ ଭାଙ୍ଗିପାରିବ ସେ ହେବ ଏହି ମାଠିଆ ଭଙ୍ଗା ପ୍ରତିଯୋଗିତାର ଶ୍ରେଷ୍ଠ ବିଜେତା। ଦୁଇଦିନ ଧରି ଗାଁରେ ପାଳିତ ହେଉଥିବା ଏହି ଉତ୍ସବର ପ୍ରଥମ ଦିନରେ ପ୍ରତିଯୋଗିତାର ବିଜେତାମାନଙ୍କୁ ଦ୍ୱିତୀୟ ଦିନ ପୁରସ୍କୃତ କରାଯାଇଥାଏ। ଚଳିତ ଥର ରଜ ଉତ୍ସବରେ ପଞ୍ଚାୟତରେ ରହିଥିବା ବିଭିନ୍ନ କଳାକାରଙ୍କୁ ନେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ସୂଚନା ମିଳିଛି। କଳା ଓ କଳାକାରଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଚଳିତ ବର୍ଷ ଭିନ୍ନ ଭାବେ ରଜ ଉତ୍ସବ ପାଳନ କରାଯିବ। ପାଲା, ଦାଶକାଠିଆଠାରୁ ଆରମ୍ଭ କରି ଅନେକ ଲୋକକଳାକୁ ସମ୍ମାନ ଦିଆଯିବ।



### କେବେ ବଦଳିବ ଦିଆନ ବନ୍ଧର ଭାଗ୍ୟ

## ପରିତ୍ୟକ୍ତ ଓ ଦୂଷିତ ଅବସ୍ଥାରେ ପୁରାତନ ପୁଷ୍କରିଣୀ

ନୟାଗଡ଼, ୯।୬(ସମିସ)

ନୟାଗଡ଼ ସହର ମଧ୍ୟ ଭାଗରେ ଅବସ୍ଥିତ ଦିଅନ ବନ୍ଧ ଦୀର୍ଘବର୍ଷ ଧରି ପରିତ୍ୟକ୍ତ ଓ ଦୂଷିତ ଅବସ୍ଥାରେ ରହିଛି। କାହିଁ କେଉଁ କାଳରୁ ନିର୍ମାଣ ହୋଇଥିବା ଏହି ପୁଷ୍କରିଣୀ ସହର ବର୍ଜ୍ୟଜଳ ଭଣ୍ଡାର ଭାବେ ପରିଗଣିତ ହେଉଛି। ପୋଖରୀ ଚତୁପାର୍ଶ୍ୱର ଯେତିକି ଦୂଷିତ ଓ ଅପରିସ୍କାର, ଏହାର ପାଣି ମଧ୍ୟ ସେତିକି ଦୂଷିତ ଓ ଅପରିଷ୍କାର। ସହର ମଧ୍ୟରେ ରହିଥିବା ଏହି ବିଶାଳ ପୁଷ୍କରିଣୀର ପୁନରୁଦ୍ଧାର ତଥା ରୂପାନ୍ତରଣ ପାଇଁ ପୌରପରିଷଦ ପକ୍ଷରୁ ଆଦୌ ଆନ୍ତରିକତା ପ୍ରକାଶ କରାଯାଉନାହିଁ। ଏହାକୁ ଆମ ପୋଖରୀ ଯୋଜନାରେ ସାମିଲ କରାଯାଇଥିବା ବେଳେ କାର୍ଯ୍ୟ ଆରମ୍ଭ ହେଉନାହିଁ। ଏହି ପୁଷ୍କରିଣୀର ଗଭୀରତା ଓ ପରିବ୍ୟାପ୍ତି ଅତ୍ୟନ୍ତ ବିଶାଳ ଅଟେ। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଛ ପାଖରେ ରହିଥିବା ଏହି ପୋଖରୀକୁ କେହି କେହି ଡାକ୍ତରଖାନା ପୋଖରୀ ବୋଲି କୁହନ୍ତି। ପୂର୍ବେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ରୋଗୀ ତଥା ରୋଗୀ ସମ୍ପର୍କୀୟ ସ୍ନାନ ଓ ଶୌଚ ଆଦି ପାଇଁ ଏହାକୁ ବ୍ୟବହାର କରୁଥିଲେ। ସାଗର ପୋଖରୀରୁ ବାହାରି ଆସୁଥିବା ଝର ପାଣି ଏହି ପୋଖରୀରେ ପ୍ରବେଶ କରୁଥିଲା। ଏବେ ସାଗର ପୋଖରୀରୁ ବହି ଆସୁଥିବା ଝର ପାଣି ସହ ଡ୍ରେନର ବର୍ଜ୍ୟଜଳ ମିଶି ଦିଆନ ବନ୍ଧକୁ ପ୍ରଦୂଷିତ କରୁଥିବା ବେଳେ ନୟାଗଡ଼ ସହର ବାସୀଙ୍କ ଅବ୍ୟବହୃତ



ସାମଗ୍ରୀ ପୋଖରୀରେ ପଡ଼ିବାରୁ ଅତ୍ୟଧିକ ପ୍ରଦୂଷିତ ହେଉଛି। ଡାକ୍ତରଖାନ ପଛ ପାଖରେ ରହିଥିବା କିଛି କ୍ଲିନିକ ଓ ଔଷଧ ଦୋକାନ ସେମାନଙ୍କ ଦୋକାନ ଓ କ୍ଲିନିକରୁ ବାହାରୁଥିବା ବର୍ଜ୍ୟକୁ ଏହି ପୋଖରୀରେ ପକାଉଥିବା ବେଳେ ଡାକ୍ତରଖାନାକୁ ଆସୁଥିବା ରୋଗୀ ଓ ରୋଗୀ ସମ୍ପର୍କୀୟ ବର୍ଜ୍ୟ କପଡ଼ା ତଥା ଅନାବଶ୍ୟକ ସାମଗ୍ରୀକୁ ପୋଖରୀରେ ପକାଉଛନ୍ତି। ସଚେତନତା ପାଇଁ ଆଦୌ ପଦକ୍ଷେପ ନଥିବା ବେଳେ ଏହି ପୁଷ୍କରିଣୀର ପୁନଃରୁଦ୍ଧାର ପାଇଁ ମଧ୍ୟ ପ୍ରୟାସ କରାଯାଇନାହିଁ। ପୋଖରୀକୁ ଶୁଖାଇ ପଙ୍କଉଦ୍ଧାର କରାଯିବା ନିହାତି ଆବଶ୍ୟକ ହୋଇ ପଡ଼ିଛି। ଏହା ସହିତ ପୋଖରୀ ଚାରିପାଖରେ ପାଚେରୀ ନିର୍ମାଣ କରାଯିବା ସହ ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ ଦିଆଗଲେ, ଏହା ସହର ବାସୀଙ୍କ ଆମୋଦ ପ୍ରମୋଦ ପାଇଁ ଏକ ପ୍ରକୃଷ୍ଟ ସ୍ଥାନ ହୋଇପାରିବ ବୋଲି ଆଲୋଚନା ହେଉଛି। ନୟାଗଡ଼ ପୌର ପରିଷଦ ଓ ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ବେଗୁନିଆ, ୯ ।୬(ସମିସ):** ବାଘମାରୀ ଥାନା ଅନ୍ତର୍ଗତ ବାଘମାରୀ -ସାରୁଅ ମଧ୍ୟବର୍ତ୍ତୀ ଶଙ୍ଖ ନିକଟରେ ଗତ ଶୁକ୍ରବାର ଦିନ ଘଟିଥିବା ସଡକ ଦୁର୍ଘଟଣାରେ ବୋଲଗଡ଼ ଥାନା ଅନ୍ତର୍ଗତ ମାଳିସାହି ଗ୍ରାମର ଏକଲବ୍ୟ ପ୍ରଧାନଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଅଶ୍ୱିନୀ ପ୍ରଧାନ ଖୋର୍ଦ୍ଧା ଡାକ୍ତରଖାନାରୁ ଭୁବନେଶ୍ୱର ସ୍ଥାନାନ୍ତର ହୋଇଛନ୍ତି ।ସେ ଏବେ ଭୁବନେଶ୍ୱରର ଏକ ବେସରକାରୀ ଚିକିତ୍ସାଳୟରେ କୋମାରେ ରହି ଚିକିତ୍ସିତ ହେଉଥିବାର ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ ଯେ ରାସ୍ତାରେ ଖରାପ ହୋଇ ରହିଥିବା ଏକ ଟ୍ରକ୍ ପଛପଟୁ ବାଇକ୍‌ରେ ଯାଉଥିବା ସମ୍ପୃକ୍ତ ଦୁଇଜଣ ଟ୍ରକ୍ ପଛପଟେ ଧକ୍କା ଦେଇଥିଲେ । ଫଳରେ ଦୁଇଜଣଙ୍କ ମଧ୍ୟରୁ ଏକଲବ୍ୟ ମୃତ୍ୟୁବରଣ କରିଥିବା ବେଳେ ଅଶ୍ୱିନୀ ଚିକିତ୍ସିତ ହେଉଛନ୍ତି । ବାଘମାରୀ ଥାନାରୁ ମିଳିଥିବା ସୂଚନା ଅନୁସାରେ ଦୁଇଜଣଙ୍କର ମୃତ୍ୟୁ ହୋଇଛି ବୋଲି ଖବର ପ୍ରକାଶ ପାଇଥିବା ବେଳେ ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ଦୁଃଖ ପ୍ରକାଶ କରିବା ସହିତ ଅଶ୍ୱିନୀଙ୍କର ଆଶୁ ଆରୋଗ୍ୟ କାମନା କରୁଛୁ ।

## କୂଅ ସଫା ବେଳେ ଶ୍ୱାସରୁଦ୍ଧ ହୋଇ ଯୁବକ ମୃତ

**ଜଟଣୀ, ୯ ।୬(ସମିସ):** ଜଟଣୀ ଥାନା ଅନ୍ତର୍ଗତ ଅରଗୁଲ୍‌ରେ କୂଅ ସଫା ବେଳେ ଶ୍ୱାସରୁଦ୍ଧ ହୋଇ ଜଣେ ଯୁବକର ମୃତ୍ୟୁ ହୋଇଛି । ମୃତ ଯୁବକ ଅରଗୁଲ୍‌ର ସନ୍ତୋଷ କୁମାର ସାହୁ (୨୫) । ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀ ପହଞ୍ଚି କୂଅରୁ ମୃତଦେହକୁ ଉଦ୍ଧାର କରିଥିଲେ । ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ଚିକିତ୍ସାଳୟକୁ ପଠାଇ ତଦନ୍ତ ଆରମ୍ଭ କରିଛି । ପରିବାର ସୂଚନାନୁଯାୟୀ, ରବିବାର ସକାଳେ ସନ୍ତୋଷ ତାଙ୍କ ଘର ପଛପଟେ ଥିବା ଏକ କୂଅକୁ ସଫା କରିବାକୁ ଭିତରକୁ ପସିଥିଲେ । ସେ କୂଅ ଭିତରେ କିଛି ସମୟ ସଫା କରିବା ପରେ ନିଶ୍ୱାସ ନେବାରେ ସମସ୍ୟା ହୋଇଥିଲା । ପରେ କୂଅ ଭିତରେ ଶ୍ୱାସରୁଦ୍ଧ ହୋଇ ପାଣିରେ ବୁଡ଼ି ଯାଇଥିଲେ । ପରିବାର ଲୋକେ ଓ ଗ୍ରାମବାସୀ ସନ୍ତୋଷଙ୍କୁ କୂଅରୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ । ପରେ ଅଗ୍ନିଶମ ବିଭାଗକୁ ପରିବାର ଲୋକ ଖବର ଦେଇବାରୁ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କୂଅ ଭିତରୁ ଯୁବକଙ୍କୁ ଉଦ୍ଧାର କରିଥିଲେ । ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ସେଠାର ଡାକ୍ତର ମୃତ ଘୋଷଣା କରିଥିଲା । ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଏନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି ପୁଲିସ ।

## ଆକ୍ରମଣରେ ଯୁବକଙ୍କ ମୃତ୍ୟୁ, ଅଭିଯୁକ୍ତ ଗିରଫ

**ବାଲୁଗାଁ, ୯ ।୬(ସମିସ):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବାଲୁଗାଁ ଥାନା ଅନ୍ତର୍ଗତ ସିଙ୍ଗେଶ୍ୱର ଗ୍ରାମର ଚନ୍ଦ୍ର ଶେଖର ବେହେରା (୪୧)ଙ୍କୁ ଜଣେ ଯୁବକ ମରଣାନ୍ତକ ଆକ୍ରମଣ କରିବା ଫଳରେ ଗୁରୁତର ଆହତ ହୋଇ ଚନ୍ଦ୍ର ଶେଖର ଚିକିତ୍ସାଧୀନ ଅବସ୍ଥାରେ ଥିବା ବେଳେ ଶନିବାର ତାଙ୍କର ମୃତ୍ୟୁ ଘଟିଛି । ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଉକ୍ତ ଗ୍ରାମର କୃଷ୍ଣ ଚନ୍ଦ୍ର ବେହେରା (୩୪)ଙ୍କୁ



ବାଲୁଗାଁ ପୁଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରି ଥିବା ସୂଚନା ମିଳିଛି । ପୁଲିସର ସୂଚନା ମୁତାବକ, ସିଙ୍ଗେଶ୍ୱର ଗ୍ରାମର ଚନ୍ଦ୍ରଶେଖର ଓ କୃଷ୍ଣଚନ୍ଦ୍ର ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା । ଗତ ମେ ମାସ ୨୬ ତାରିଖରେ ପୂର୍ବ ବିବାଦ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇ ହତାହାତି ହୋଇଥିଲେ । ଏଥିରେ ଉତକ୍ଷିପ୍ତ ହୋଇ କୃଷ୍ଣଚନ୍ଦ୍ର ମାରଣାସ୍ତ୍ରରେ ଆକ୍ରମଣ କରିବା ଫଳରେ ମୁଣ୍ଡରେ ଗଭୀର ଆଘାତ ଲାଗି ଚନ୍ଦ୍ର ଶେଖର ଗୁରୁତର ଆହତ ହୋଇ ଥିଲେ । ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବାଲୁଗାଁ ଡାକ୍ତରଖାନା ଏବଂ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ସେଠାରେ ଦୀର୍ଘ ୧୨ ଦିନ ଧରି ମୃତ୍ୟୁସହ ସଂଗ୍ରାମ ଜାରି ରଖି ଶେଷରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା । ଏସମ୍ପର୍କରେ ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗକ୍ରମେ ବାଲୁଗାଁ ପୋଲିସ କେଶ ନଂ ୧୯୦/୨୪ ରେ ଏକ ହତ୍ୟା ଜନିତ ମାମଲା ରୁଜୁ କରି ଅଭିଯୁକ୍ତ କୃଷ୍ଣଚନ୍ଦ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

### ଅଭିଯୁକ୍ତ ଫେରାର

# ବଳାତ୍କାର ପୀଡ଼ିତାଙ୍କୁ ନ୍ୟାୟ ମିଳିବାରେ ବିଳମ୍ବ

**ବାଣପୁର, ୯ ।୬(ସମିସ)**

ବନ୍ଧୁ ପତ୍ନୀଙ୍କୁ ପ୍ରେମ ନିବେଦନ କରିବା ଏବଂ ଏଥିରେ ରାଜି ନହେବାରୁ ବନ୍ଧୁପତ୍ନୀ ବଳାତ୍କାରର ଶିକାର ହେବା ସହ ତାଙ୍କ ନଗ୍ନ ଫୋଟୋ ଭାଇରଲ କରିବା ପାଇଁ ଧମକ ଦେବା ଘଟଣାରେ ପୀଡିତା ମହିଳା ଥାନାର ଦ୍ୱାରସ୍ଥ ହୋଇ ୧୦ ଦିନ ହେଲା ପୁଲିସ ଠାରୁ ନ୍ୟାୟ ପାଇବା ଅପେକ୍ଷାରେ ଚାହିଁ ବସିଛନ୍ତି । ହେଲେ ଅଭିଯୁକ୍ତ ଜଣଙ୍କ ଏବେବି ଫେରାର ଅଛନ୍ତି ।

ଅଭିଯୋଗ ମୁତାବକ, ନରେନ୍ଦ୍ରପୁର ପଞ୍ଚାୟତର ଜଣେ ୨୬ ବର୍ଷୀୟ ମହିଳା ଯାହାଙ୍କ ସ୍ୱାମୀ ହାଇଦ୍ରାବାଦରେ ରହି ଏକ କମ୍ପାନୀରେ କାମ କରୁଛନ୍ତି । ସେଠାରେ ସାହସପୁର ଗ୍ରାମର ରତିକାନ୍ତ ମହାନ୍ତି ନାମକ ଜୈନିକ ବ୍ୟକ୍ତିଙ୍କ ସହିତ ୪ ବର୍ଷ ପୂର୍ବରୁ ବନ୍ଧୁତା ହୋଇଥିଲା । ବନ୍ଧୁତାର ସୁଯୋଗ ନେଇ ରତିକାନ୍ତ ବନ୍ଧୁଙ୍କ ପତ୍ନୀଙ୍କ ସହିତ ଫୋନରେ କଥା ବାର୍ତ୍ତା ଚାଲିଥିଲା । ତେବେ ପୀଡିତାଙ୍କ ସ୍ୱାମୀ ରୋଗାଗ୍ରସ୍ତ ଥିବାରୁ ରତିକାନ୍ତ ପୀଡିତାଙ୍କୁ ବିବାହ କରିବା ପାଇଁ ବାରମ୍ବାର ଅନୁରୋଧ କରି ଆସୁଥିବା ବେଳେ ପୀଡିତା ଜଣଙ୍କ ଏହାକୁ ପ୍ରତ୍ୟାଖ୍ୟାନ କରି ଆସୁଥିଲେ । ପୀଡିତା ଜଣଙ୍କ ନିଜ ବାପ ଘର ମଙ୍ଗଳପୁର ଗ୍ରାମକୁ ଯାଇ ଥିବା ବେଳେ ଗତ ଏପ୍ରିଲ ମାସ ୧୦ ତାରିଖ ଦିନ ସେଠାରେ ଘରେ ମହିଳାଙ୍କ ମା, ଭାଇ ଓ ଭାଉଜ ପୁରୀ ଯାଇ ଥିବାରୁ ସେ ଏକାକୀ ଥିବା ସମୟରେ ଏହାର ସୁଯୋଗ ନେଇ ରତିକାନ୍ତ ପୀଡିତା ଙ୍କ ବାପ ଘରକୁ ଆସି ତାଙ୍କୁ ପ୍ରେମ ନିବେଦନ କରି ବିବାହ କରିବା ପାଇଁ କହି ଥିଲେ । କିନ୍ତୁ ପୀଡିତା ଜଣଙ୍କ ରାଜି ନହେବାରୁ ତାଙ୍କୁ ଜବରଦସ୍ତ ବଳାତ୍କାର କରିବା ସହ ତାଙ୍କର ଉଲଗ୍ନ ଫୋଟୋ ମୋବାଇଲରେ ଉଠାଇ ନେଇ ଧମକ ଦେଇଥିଲା ଯେ, ସେ ଯେବେ ଚାହିଁବ ତାଙ୍କୁ ଉପଭୋଗ କରିବାକୁ ଦେବ ଏବଂ ଏ ଘଟଣା ସମ୍ପର୍କରେ ଯଦି କାହାକୁ କହିବ, ତେବେ ତାଙ୍କର ଉଲଗ୍ନ ଫୋଟୋକୁ ସୋସିଆଲ୍ ମିଡିଆରେ ଭାଇରାଲ କରି ବଦନାମ କରିଦେବ । ଯାହାଫଳରେ କାହାରିକୁ ମୁହଁ ଦେଖାଇ ପାରିବ ନାହିଁ ବୋଲି ମହିଳାଙ୍କୁ ରତିକାନ୍ତ ଧମକ ଦେଇଥିଲା । ଘଟଣା ଘଟିବାର ରାତିରେ ଯେତେବେଳେ ପୀଡିତାଙ୍କ ମା, ଭାଇ, ଭାଉଜ ଘରକୁ ଫେରିବା ପରେ ଘଟଣା ବିଷୟ କହିଥିଲା । ପରଦିନ ଶାଶୁ ଘରକୁ ଯାଇ ତାଙ୍କ ସ୍ୱାମୀଙ୍କୁ ସବୁକଥା ଜଣାଇଥିଲେ । ତା ପରଦିନ ଏସମ୍ପର୍କରେ ଥାନାରେ ଅଭିଯୋଗ କରିବା ପାଇଁ ଯିବା ବାଟରେ ଅଭିଯୁକ୍ତ ରତିକାନ୍ତ ନିଜ ବାପା ଓ ଭାଉଜ ଙ୍କ ସହ ତାଙ୍କୁ ଅଟକାଇ ଧମକଚମକ ଦେବାରେ ଭୟଭୀତ ହୋଇ ପୀଡିତା ଜଣଙ୍କ ଗାଁ କୁ ଫେରିଯାଇ ଭୟରେ ଥାନାକୁ ଆସିପାରୁ ନଥିଲେ । କିନ୍ତୁ କୌଣସି ମତେ ସାହସ ଜୁଟାଇ ମେ ମାସ ୩୦ ତାରିଖରେ ବାଣପୁର ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ବାଣପୁର ପୁଲିସ ପୀଡିତାଙ୍କୁ ଡାକ୍ତରୀ ମାଇନା କରିବା ସହ ବୟାନ ରେକର୍ଡ କରି ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ଅଭିଯୁକ୍ତକୁ ଅତିଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଅଫିସର ଗାୟତ୍ରୀ ଗୋଛାୟତ କହିଛନ୍ତି ।

## ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହାତୀ

**ବେଗୁନିଆ, ୯ ।୬(ସମିସ):** ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ା ଗ୍ରାମରେ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ



ହୋଇଛନ୍ତି ଦୁଇଟି ଜଙ୍ଗଲୀ ହାତୀ । ଯାହାକୁ ନେଇ ସାଧାରଣରେ ଭୟ ସୃଷ୍ଟି ହେବାରେ ଲାଗିଥିବା ବେଳେ ଗତ ମେ ମାସ ୧୮ ତାରିଖ ଅପରାହ୍ନରେ ଓଗାଳପୁର ଗ୍ରାମର ବରିଷ୍ଠ ନାଗରିକ ବୈକୁଣ୍ଠ ରାଉତରାୟ କାଜୁ ଜଙ୍ଗଲକୁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇ ଗୁରୁତର ହୋଇ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ବରଣ କରିଥିଲେ । ଏହି ଘଟଣାକୁ ନେଇ ଜନ ସାଧାରଣ ଭୟଭୀତ ହେବା ସହ ଫସଲଗୁଡ଼ିକ ନଷ୍ଟ କରୁଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି ।

## ବେଗୁନିଆରେ ବିଧାୟକ ପ୍ରଦୀପଙ୍କୁ ବିଜୟ ସମ୍ବର୍ଦ୍ଧନା

**ବେଗୁନିଆ, ୯ ।୬(ସମିସ)**

ବେଗୁନିଆ ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ବିଧାୟକ ପ୍ରଦୀପ କୁମାର ସାହୁଙ୍କୁ ବିଜେଡ଼ି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ବିଜୟ ଉତ୍ସବ ରବିବାର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଛି ।



ସ୍ଥାନୀୟ ବ୍ଲକ ବିଜେଡ଼ି ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁଙ୍କୁ ୨୧ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲ୍ଲାପରିଷଦସଭ୍ୟ, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ବିଧାୟକ ଶ୍ରୀ ସାହୁଙ୍କୁ ବେଗୁନିଆ ପୋଷ୍ଟ ଅଫିସ ଛକ ଠାରୁ ସ୍ୱାଗତ ସହ ପଦଯାତ୍ରା କରି କଲ୍ୟାଣ ମଣ୍ଡପ ପରିସରରେ ସଭାର ଆୟୋଜନ କରାଯାଇଥିଲା । ଦୀର୍ଘ ୨୯ ବର୍ଷ ପରେ ଚଳିତ ସାଧାରଣ ନିର୍ବାଚନରେ ଶ୍ରୀ ସାହୁ ରାଜ୍ୟରେ ସର୍ବାଧିକ ୪୭ ହଜାର ୮୧୪ ଖଣ୍ଡ ଭୋଟ ପାଇ ବିଜୟ ଲାଭ କରିଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଏପରିକି ଦଳମତ ନିର୍ବିଶେଷରେ ସେବା ଓ ସମର୍ପଣ ମନୋଭାବକୁ ଗୁରୁତ୍ୱ ଦେଇ ବେଗୁନିଆକୁ ଏକ ସମୃଦ୍ଧ ଓ ସସକ୍ତ ଅଞ୍ଚଳରେ ପରିଣତ କରିବାକୁ ସର୍ବଦା ଚେଷ୍ଟା ଜାରୀ ରହିବ ବୋଲି ମତ ପ୍ରକାଶ କରିଥିଲେ । ଏଥିରେ ଉପାଧ୍ୟକ୍ଷ ସାବିତ୍ରୀ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ତନୁଜା ପାଟ୍ଟଶାଣୀ, ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ସତ୍ୟ ନାରାୟଣ ପ୍ରଧାନ, ମାନସ ରଞ୍ଜନ ବିଶ୍ୱାଳ, ସମିତି ସଭ୍ୟ ନବନିତା ମହାନ୍ତି, ସରପଞ୍ଚ ରଞ୍ଜିତା ମହାଭୋଇ, ଲତା ସେଠୀ, ଅଲେଖ ବେହେରା, ଲାବଣ୍ୟ ଜୟସିଂହ, କରୁଣାକର ଦଳସିଂହରାୟ, ଲୀଳା ସ୍ୱାଇଁ, ଆରତ ମାଝୀ, ବିଜେଡ଼ି ଦଳର ବ୍ଲକ ଯୁବ ସଭାପତି ବିଭୂତି ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବରାଜ ମହାପାତ୍ର, ପୂର୍ବତନ ସରପଞ୍ଚ ପୁରୁଷୋତ୍ତମ ମହାପାତ୍ର ଓ ନବ କିଶୋର ସ୍ୱାଇଁଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, ସକ୍ରିୟ ଦଳୀୟ କର୍ମୀ ଓ ନେତା ଯୋଗ ଯୋଗ ଦେଇଥିଲେ । ପ୍ରାରମ୍ଭରେ ହରିହର ମହାପାତ୍ରଙ୍କ ସଂଯୋଜନାରେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶ୍ୱ ଅଭିଲେଖାଗାର ଦିବସ

**ଖୋର୍ଦ୍ଧା, ୯।୬(ସମିସ):** ସ୍ଥାନୀୟ ରାଧାବଲ୍ଲଭସାହି ସ୍ଥିତ ରାଧାଗୋବିନ୍ଦ ଶେଫାଳି ସଂଗ୍ରହଶାଳାରେ ଅର୍ନ୍ତଜାତୀୟ ଅଭିଲେଖାଗାର ଦିବସ ପାଳନ ଅବସରରେ ପ୍ରାଚୀନ ନଥିପତ୍ରର ପ୍ରର୍ଦଶନୀ ହୋଇଯାଇଛି । ଐତିହ୍ୟ ଗବେଷକ ଗୋପାଳକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ଖୋର୍ଦ୍ଧା ପୌର ଉପାଧ୍ୟକ୍ଷ ଶୌର୍ଯ୍ୟରଞ୍ଜନ ମହାନ୍ତି ମୁଖ୍ୟ ଅତିଥି, ଚିତ୍ରଶିଳ୍ପୀ ପ୍ରେମାନନ୍ଦ ସୁବୁଦ୍ଧି ମୁଖ୍ୟବକ୍ତା, ଜନସେବୀ ରାମ ଅବତାର ରାମ ଓ ମାନସ ରଞ୍ଜନ ଲାଲା ସମ୍ମାନିତ ଅତିଥିରୂପେ ଯୋଗ ଦେଇଥିଲେ । ଏହି ସଂଗ୍ରହଶାଳାରେ ପୁରୀ ଓ ଖୋର୍ଦ୍ଧାର ବିଭିନ୍ନ ମଠ ମନ୍ଦିର, ଇଂରେଜ ରାଜତ୍ୱକାଳିନ ରେକର୍ଡ, ସେଟେଲମେଣ୍ଟ ରିପୋର୍ଟ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ବ୍ୟକ୍ତିଗତ ନଥି ଓ ତାମ୍ରଲେଖ ପ୍ରଦର୍ଶିତ ହୋଇଛି । ରାଜ୍ୟ ସରକାର ପ୍ରତି ଜିଲ୍ଲାରେ ଏକ ଅଭିଲେଖାଗାର ସ୍ଥାପନ କରିବେ ବୋଲି ଘୋଷଣା କରିଥିଲେ ହେଁ ଅଦ୍ୟାବଧି ତାହା ହୋଇପାରିନାହିଁ । ଖୋର୍ଦ୍ଧା କଚେରୀରେ ଥିବା ବହୁ ରେକର୍ଡ ରାଜ୍ୟ ଅଭିଲେଖାଗାରକୁ ସ୍ଥାନାନ୍ତରିତ ହୋଇଯାଇଛି । ଅବଶିଷ୍ଟ ନଥିପତ୍ରର ସୁରକ୍ଷା ହେବା ନିହାତି ଆବଶ୍ୟକ । ଏଠାରେ ପାଇକ ବିଦ୍ରୋହକାଳିନ ରେକର୍ଡ ସମୂହ ସଂରକ୍ଷିତ ହୋଇ ରହିଲେ ଗବେଷକ ଓ ଛାତ୍ରଛାତ୍ରୀ ଏହାର ଅଧ୍ୟୟନ ପାଇଁ ସୁବିଧା ପାଇପାରିବେ । ଅର୍ଚ୍ଚିସ୍ମାନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## କୁହୁଡ଼ି ରଜ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

**କୁହୁଡ଼ି, ୯ ।୬(ସମିସ):** କୁହୁଡ଼ି ମା'ବ୍ୟାଘ୍ରଦେବୀ ସାଂସ୍କୃତିକ ପରିଷଦ ତରଫରୁ ତୃତୀୟ ବାର୍ଷିକ ରଜ ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୧୪ ରୁ ୧୭ ତାରିଖ ପର୍ଯ୍ୟନ୍ତ ପାଳିତ ହେବାକୁ ଥିବା ରାଜ୍ୟସ୍ତରୀୟ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବ । ୧୪ ତାରିଖ ଦିନ ମା'ଗୌରୀ କ୍ଲବ ଭୁବନେଶ୍ୱର, ୧୫ ତାରିଖ ଦିନ ବାବା ଇଶାନେଶ୍ୱର୍ ନାଟ୍ୟ ସଂସଦ ବାଙ୍କୀ, ୧୬ ତାରିଖ ଦିନ ଇଶାନେଶ୍ୱର୍ ସାଂସ୍କୃତିକ ପରିଷଦ ମାଣ୍ଡିଆ, ରାଘବପୁର କେନ୍ଦ୍ରାପଡ଼ା ଓ ୧୭ ତାରିଖ ଦିନ ମା'ମଙ୍ଗଳା ପପି ୟଙ୍ଗଷ୍ଟାର ଗୋବିନ୍ଦପୁର, ପାରାଦୀପ ନାଟକ ପରିବେଷଣ କରିବେ । ଶେଷ ସନ୍ଧ୍ୟାର ପରିବେଷଣ ସମାପ୍ତି ପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ । ରାଜ୍ୟସ୍ତରୀୟ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ଦେଖିବା ପାଇଁ ହଜାର ହଜାର ଲୋକଙ୍କ ସମାଗମ ହେବ ବୋଲି କୁହାଯାଉଛି । ରାମଦୋଳି, ଚଟପଟି ଖାଦ୍ୟ ସହିତ ଘରକରଣା ସାମଗ୍ରୀ ଷ୍ଟଲ୍‌ମାନ ସ୍ଥାପିତ ହୋଇ ଅସ୍ଥାୟୀ ବଜାର ସୃଷ୍ଟି ହୋଇଥାଏ । ମହୋତ୍ସବକୁ ଶାନ୍ତିଶୃଙ୍ଖଳା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରିଥିବା ବେଳେ ପଲିଥିନ ମୁକ୍ତ କରିବା ପାଇଁ ଅନୁଷ୍ଠାନର କର୍ମକର୍ତ୍ତାମାନେ ଆହ୍ୱାନ ଦେଇଛନ୍ତି । ମନୋଜ କୁମାର ମାନସିଂହ, ବିଜୟ କୁମାର ଜେନା, ବସୁଦେବ ବିଶ୍ୱାଳ, ପବିତ୍ର ହରିଚନ୍ଦନ, ଜୟଦେବ ବେହେରା, ଲୁଲୁ ମହାପାତ୍ର, ସଞ୍ଜୟ ସ୍ୱାଇଁ, ବାପୁ ଶ୍ରୀଚନ୍ଦନ, ହିରଣ୍ୟ ସିଂହ ଓ ଟୁଟୁ ସାହୁ ପ୍ରମୁଖ ଉପସ୍ଥିତ ରହି ରଜମହୋତ୍ସବକୁ ସୁରୁଖୁରୁରେ କରିବା ପାଇଁ ଆଲୋଚନା ହୋଇଥିଲା ।

## ବାଲିପାଟପୁରରେ ରାମଲୀଳା ଉଦ୍‌ଯାପିତ

**ଭୂଷଣ୍ଡପୁର, ୯।୬(ସମିସ):** ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବାଲିପାଟପୁର ଗ୍ରାମପଞ୍ଚାୟତର ଦୋଳପଡ଼ିଆ ଠାରେ ମାସେବ୍ୟାପି ଚାଲିଆସୁଥିବା ରାମଲୀଳା ନାଟ୍ୟ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଛି । ବାଲିପାଟପୁରର ରଘୁନାଥ ଦେବ ଯୁବ ଲୀଳା ପରିଷଦ ଦ୍ୱାରା ଆୟୋଜିତ ରାମାୟଣର କଥାବସ୍ତୁକୁ ବିଭିନ୍ନ ଲେଖକଙ୍କ ଦ୍ୱାରା ରଚିତ କାହାଣୀକୁ ନାଟକୀୟ ଢଙ୍ଗରେ ପରିବେଷଣ କରାଯାଇଥିଲା । ରାମଲୀଳାର ଅନନ୍ତ ଶୟନ, ରାମ ଲକ୍ଷ୍ମଣଙ୍କ ଜନ୍ମ, ମାରୀଚ ସୁବାହୁ ବଧ, ସୀତା ବିଭାହ, ରାମ ବନବାସ, ବାଳି ସୁଗ୍ରୀବ ଯୁଦ୍ଧ, ଲଙ୍କା ଦହନ, ଇନ୍ଦ୍ରଜିତ ବଧ ସହିତ ରାବଣ ବଧ ହୋଇ ରବିବାର ରଘୁକୁଳ ତିଳକ ରାମ, ମାତା ସୀତା ଏବଂ ଭାଇ ଲକ୍ଷ୍ମଣଙ୍କ ଅଯୋଧ୍ୟା ଆଗମନ ହୋଇଥିବାବେଳେ ଅଭିଷେକ ହୋଇ ବାଲିପାଟପୁର ଭୂଷଣ୍ଡପୁରର ସମସ୍ତ ସାହି ଏକ ସୁସଜିତ ରଥରେ ପରିକ୍ରମା କରାଯାଇଥିଲା । ଚଳିତ ବର୍ଷ ନିର୍ବାଚନର ପ୍ରତିଦ୍ୱନ୍ଦିତା ମଧ୍ୟରେ ସବୁ ଦଳର ସମର୍ଥକ ଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ନାଟକ ଉପରେ ପଡ଼ିନାହିଁ । ଚଳିତ ବର୍ଷ ଭୀଷଣ ରୌଦ୍ରତାପ, ଗୁଲୁ ଗୁଳି ସତ୍ୱେ ଆଖପାଖ ଗ୍ରାମର ଅସଂଖ୍ୟ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ।



### ଅନ୍ତର୍ଜାତୀୟ ଆଦିବାସୀ ସାଂସ୍କୃତିକ ଯୁବ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ମନ ମୋହିଲା ଓଡ଼ିଶାର ଲୋକକଳା





**ବାଣପୁର, ୯ ।୬ (ସମିସ)**

ବାଣପୁର ଐତିହାସିକ ପଲଟଣ ପଡ଼ିଆରେ ଶନିବାର ଠାରୁ ଏକତା ପରିଷଦ ଟ୍ରଷ୍ଟ ଓ ପ୍ରୋଜେକ୍ଟ ପଏଣ୍ଟ ପକ୍ଷରୁ ଆରମ୍ଭ ହୋଇଥିବା ଅନ୍ତର୍ଜାତୀୟ ଆଦିବାସୀ ସାଂସ୍କୃତିକ ଯୁବ ମହୋତ୍ସବର ରବିବାର ଦ୍ୱିତୀୟ ଦିବସରେ ବିଭିନ୍ନ ରାଜ୍ୟ ଓ ଆନ୍ତର୍ଜାତୀୟସ୍ତରରୁ ଆସିଥିବା ସହଭାଗୀମାନେ ବାଣପୁର ଓ ଚିଲିକା ଅଞ୍ଚଳର ଐତିହାସିକ ସାଂସ୍କୃତିକ ସ୍ଥଳ ପରିଭ୍ରମଣ କରିଥିଲେ । ଅପରାହ୍ନରେ ଏକତା ପରିଷଦ ଟ୍ରଷ୍ଟର କୋଡ଼ିଏ ବର୍ଷ ପୂର୍ତ୍ତି ଅବସରରେ ୨୫ ଜଣ ସାମାଜିକ କର୍ମୀଙ୍କୁ ଏକତା ରାଷ୍ଟ୍ରୀୟ ଯୁବ ସମ୍ମାନ ଓ ୨୦ ସାମାଜିକ କର୍ମୀଙ୍କୁ ଏକତା ସେବା ସମ୍ମାନରେ ସମ୍ମାନିତ କରାଯାଇଥିବା ସହ ଯୁବ ଶକ୍ତିର ନେତୃତ୍ୱରେ ପ୍ରକୃତିର ସନ୍ତୁଳନ ଓ ମାନବିକ ମୂଲ୍ୟବୋଧର ସାଂସ୍କୃତିକ ପରିଚୟ ସମୃଦ୍ଧି କରିବା ପାଇଁ ପ୍ରସ୍ତାବ ନିଆଯାଇଛି । ଆୟୋଜିତ ସଭାରେ ଅତିଥିମାନଙ୍କ ମଧ୍ୟରେ ବରିଷ୍ଠ ସାମାଜିକ କର୍ମୀ ଗୌତମ ବନ୍ଦୋପାଧ୍ୟାୟ, ଡକ୍ଟର ବିଦ୍ୟୁପ୍ରଭା ରଥ, ଡ. ବିଶ୍ୱ ମୋହନ ଜେନା, ବାଣପୁର ନଗର ପାଳ ମିଟୁ ନାୟକ, ଚନ୍ଦ୍ର ଶେଖର ଦାସ, ପ୍ରୋଜେକ୍ଟ ପଏଣ୍ଟର ଅଧ୍ୟକ୍ଷ ଡ. ସଂଗ୍ରାମ କେଶରୀ ସାମନ୍ତରାୟ, ଅବସରପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଭାଳଚନ୍ଦ୍ର ଷଡଙ୍ଗୀ, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ନାୟକ, ଦଶପଲ୍ଲାର ପୂର୍ବତନ ବିଧାୟକ ରାମକୃଷ୍ଣ ମହାନ୍ତିଙ୍କ ସମେତ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସାମାଜିକ କର୍ମୀ ଉପସ୍ଥିତ ଥିଲେ । ଏକତା ପରିଷଦ ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟିଙ୍କ ନେତୃତ୍ୱରେ ଆଗାମୀ ଦିନରେ ରାଷ୍ଟ୍ରୀୟ ସ୍ତରରେ ଯୁବ ନେତୃତ୍ୱରେ ସଂଗଠିତ କରିବା ପ୍ରକ୍ରିୟା ଆରମ୍ଭ କରାଯିବାକୁ ନିଷ୍ପତି ନିଆ ଯାଇଥିଲା । ସନ୍ଧ୍ୟାରେ ବିଭିନ୍ନ ରାଜ୍ୟ ଓ ଓଡ଼ିଶାର ଲୋକକଳା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ବେଶ ଆକୃଷ୍ଟ କରିଥିଲା ।

## ଶ୍ରମିକ କଂଗ୍ରେସ କାଲୁପଡ଼ା ଶାଖା ପରିଷଦ ବୈଠକ

**ଜଟଣୀ, ୯ ।୬(ସମିସ):** ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ଖୋର୍ଦ୍ଧାରୋଡ ମଣ୍ଡଳ ଅଧୀନ କାଲୁପଡ଼ା ଶାଖାର ପ୍ରଥମ ଶାଖା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରୀୟ ପଦାଧିକାରୀ ସୁବ୍ରତ ପଣ୍ଡାଙ୍କ ସଭାପତିତ୍ୱରେ ସଭାରେ ଖୋର୍ଦ୍ଧାରୋଡ ଶ୍ରମିକ କଂଗ୍ରେସର ଭାରପ୍ରାପ୍ତ ମଣ୍ଡଳ ସଂଯୋଜକ ସୁନୀଲ କୁମାର ଭଞ୍ଜ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଶ୍ରମିକମାନଙ୍କ ସର୍ବନିମ୍ନ ମୌଳିକ ସୁବିଧା ଯଥା ପିଇବା ପାଣି, ଟ୍ରାକମ୍ୟାନମାନଙ୍କ ପାଇଁ ପାଟ୍ରୋଲିଂ ବିଟ ବିଶ୍ରାମ ଗୃହ ତତ୍କାଳ ନିର୍ମାଣ ପାଇଁ ଦାବି ଜୋର ଧରିଥିଲା । ବିଗତ ଦିନରେ ରେଳ ପ୍ରଶାସନ ସହିତ ସ୍ଥାୟୀ ବୁଝାମଣା ସଭାରେ ପାଟ୍ରୋଲିଂ ବିଟ ବିଶ୍ରାମ ଗୃହ ନିର୍ମାଣ ପାଇଁ ସହମତି ପ୍ରକାଶ ପାଇସାରିଛି କିଛି ଜାଗାରେ କାର୍ଯ୍ୟ ଆରମ୍ଭ ହୋଇଗଲାଣି ଏହାକୁ ଆହୁରି ଜୋରଦାର କରାଯିବ ବୋଲି ସଂଯୋଜକ ଶ୍ରୀ ଭଞ୍ଜ ପ୍ରକାଶ କରିଥିଲେ । କାଲୁପଡ଼ା ଶାଖାର ସୀମାକୁ ବାଲୁଗାଁରୁ ଖଲିକୋଟ ପର୍ଯ୍ୟନ୍ତ ସମ୍ପ୍ରସାରଣ କାରାଯାଇ ଶାଖାର ନବନିର୍ବାଚିତ ସହ ସମ୍ପାଦକ ଶ୍ରୀ ଅଜିତ କୁମାର ତରାଇ ଏବଂ ଫିରୋଜ କୁମାର ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସହ ସଂଯୋଜକ ନିରଞ୍ଜନ ମିଶ୍ର, କେନ୍ଦ୍ରୀୟ ପଦାଧିକାରୀ ଏ ଶ୍ରୀନିବାସ, ଅକ୍ଷୟ ପ୍ରଧାନ, ତ୍ରିଲୋଚନ ମହାନ୍ତି, ସଞ୍ଜୟ ଦାସ, କାଲୁପଡ଼ା ଶାଖା ସମ୍ପାଦକ ମନୋରଞ୍ଜନ ମହାପାତ୍ର ସମେତ ଚାରିଶହରୁ ଉର୍ଦ୍ଧ କର୍ମକର୍ତ୍ତା ଉପସ୍ଥିତ ଥିଲେ ବୋଲି ମିଡ଼ିଆ ପ୍ରଭାରୀ ଏଲଡ଼ି ମହାନ୍ତି ସୂଚନା ଦେଇଥିଲେ ।



‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ପକ୍ଷରୁ ମାଟ୍ରିକ ଉତ୍କର୍ଷ ସମ୍ମାନ

# ଉତ୍ତର ଓଡ଼ିଶା ପିଲାଙ୍କ ଭିତରେ ରହିଛି ବୈଜ୍ଞାନିକ ଚିନ୍ତାଧାରା: ଡ. ଅରୁଣ ରାୟ







ବାଲେଶ୍ୱର, ୯ ।୬(ସମିସ):

ଜଣେ ଭଲ ମଣିଷ ହେବା ପାଇଁ ପ୍ରଥମେ ସ୍ୱପ୍ନ ଦେଖେ। ଆଉ ସ୍ୱପ୍ନ ଦେଖିଲେ ଚିନ୍ତା ଶକ୍ତି ବଢ଼ିଥାଏ। ଛୋଟ ବଡ କିଛି ନାହିଁ। ସମସ୍ତଙ୍କ ମଧ୍ୟରେ ଅନ୍ତର୍ନିହିତ ଗବେଷଣାର ଗୁଣ ରହିଛି। ତାକୁ ଉଜ୍ଜୀବିତ କରିବା ହିଁ ମୁଖ୍ୟ କଥା। ଏଣୁ ଏସବୁ କରିବାର ମାଧ୍ୟମ ହେଉଛନ୍ତି ବାପା ଓ ମା’। ଯାହାକି ପିଲାମାନଙ୍କୁ ଛୋଟ ବେଳୁ ଏହି ଶିକ୍ଷା ଦେଇ ବଡ କରିଥାଆନ୍ତି। ଏଣୁ ବାପା ମା’ଙ୍କ କଥା ଶୁଣିବା ସହ ଶିକ୍ଷକମାନଙ୍କୁ ଭକ୍ତି କରିବା ଉଚିତ ବୋଲି ସ୍ଥାନୀୟ ବ୍ରିଟ୍ କଲ୍ୟାଣ ମଣ୍ଡପରେ ଆୟୋଜିତ ଦୈନିକ ଖବର କାଗଜ ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ର ଉତ୍ତର ଓଡ଼ିଶା ସଂସ୍କରଣର ମାଟ୍ରିକ ଉତ୍କର୍ଷ ସମ୍ମାନ-୨୦୨୪ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚାନ୍ଦିପୁର ଆଇଟିଆର ବରିଷ୍ଠ ବୈଜ୍ଞାନିକ ଡ. ଅରୁଣ କୁମାର ରାୟ ଯୋଗଦେଇ ନିଜର ମତପୋଷଣ କରିଛନ୍ତି। ଏହାସହ ଶ୍ରୀ ରାୟ କହିଛନ୍ତି ଯେ, ଗୋଟିଏ ନୂଆ ଜିନିଷ ଖୋଜି ବାହାର କରିବାମାନେ ହିଁ ଗବେଷଣା। ଏଥିପାଇଁ ବିଭିନ୍ନ ଉପକରଣ ମାଧ୍ୟମ ଦେଇ ଯିବାକୁ ପଡ଼ିଥାଏ। ଯେପରିକି ଗୋଟିଏ ସାଇକଲ ହେଉ ଯାହାକି ୪ଟି ସୋପାନ ଦେଇ ଗତି କରିଥାଏ। ପ୍ରଥମେ କାଠ ଚକାଠାରୁ ଆରମ୍ଭ କରି ଶେଷରେ ଲୁହା ଚକା ପର୍ଯ୍ୟନ୍ତ ଦେଇ ଗତି କରିଥାଏ। ଏହାଛଡା ସେ କହିଥିଲେ ଯେ, ଉତ୍ତର ଓଡ଼ିଶାର ପିଲାମାନଙ୍କ ମଧ୍ୟରେ ବହୁ ଅନ୍ତର୍ନିହିତ ବୈଜ୍ଞାନିକ ଚିନ୍ତାଧାରା ରହିଛି। ସ୍କୁଲରେ ହେଉଥିବା ବିଜ୍ଞାନ ମେଳାରେ ପିଲାମାନଙ୍କର ଛୋଟ ଛୋଟ ପ୍ରକଳ୍ପକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି। ବିଜ୍ଞାନର ପରିଭାଷା ଅନେକ। ଏପରିକି ନ୍ୟୁଜିଲାଣ୍ଡ ଏକ ଛୋଟ ଦେଶ ହେଲେ ବି ସେଠାକାର ସ୍କୁଲ ସ୍ତରରେ ଗବେଷଣାତ୍ମକ ଶିକ୍ଷା ବ୍ୟବସ୍ଥା ରହିଛି। ସେଠାରେ ପ୍ରଥମ ଶ୍ରେଣୀରେ ପଢୁଥିବା ପିଲାମାନଙ୍କ ମଧ୍ୟରେ ଥିବା ସ୍ୱତନ୍ତ୍ରତାକୁ ଖୋଜି ବାହାର କରୁଛନ୍ତି ବୋଲି କହିଥିଲେ। ଯେଉଁ ପିଲାମାନଙ୍କର ଯେପରି ସ୍ୱତନ୍ତ୍ରତା ରହିଛି, ତାହା ଉପରେ ସମସ୍ତେ ବିଶେଷ ଧ୍ୟାନ ଦେବା ଉଚିତ। ଏହାଛଡା ବିଜ୍ଞାନର ବିଭିନ୍ନ ଉପକରଣ ବାବଦରେ ପିଲାମାନଙ୍କୁ ବୁଝାଇଥିଲେ। ଏଣୁ ପିଲାମାନେ ଛୋଟ ଛୋଟ ଗବେଷଣା କରିବା ପାଇଁ ଏବେ ଠାରୁ ଆଗଭର ହୁଅନ୍ତୁ। ବାପା ମା’ମାନେ ସେମାନଙ୍କର ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ବାହାରକୁ ନ ପଠାଇ ନିଜ ପାଖରେ ରଖି ପାଠ ପଢ଼ାଇବା ସହ ସେମାନଙ୍କୁ ଯେଉଁ ବିଷୟ ଭଲ ଲାଗୁଛି ସେହି ଦିଗରେ ଯିବା ପାଇଁ ସହାୟତା କରନ୍ତୁ ବୋଲି କହିଥିଲେ। ଶିକ୍ଷକମାନେ ପିଲାମାନଙ୍କୁ ଅଧିକ ଭାରାକ୍ରାନ୍ତ ନ କରିବା ପାଇଁ ପରାମର୍ଶ ଦେଇଥିଲେ। ପରିବାର ଲୋକେ ଭାବନ୍ତି ପିଲାମାନଙ୍କୁ ଭଲ ଶିକ୍ଷକଙ୍କ ପାଖରେ ପାଠ ପଢ଼ାଇବେ ହେଲେ ଶିକ୍ଷକ ଭଲ କି ଖରାପ ନୁହଁନ୍ତି ବରଂ ପିଲାମାନେ ଠିକରେ ପଢ଼ିଲେ ଶିକ୍ଷକର ଆବଶ୍ୟକତା ବେଶି ପଡ଼ି ନ ଥାଏ ବୋଲି ସେ କହିଛନ୍ତି।

ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଡ. ପଙ୍କଜ କୁମାର ଜେନା ଯୋଗଦେଇ କହିଥିଲେ ଯେ, ଆଗାମୀ ଦିନରେ ଯେଉଁମାନେ ଭାରତ ବର୍ଷକୁ ଆଗକୁ ନେବେ ସେମାନେ ଏବେ ମାଟ୍ରିକ ଟପ୍ପର ହୋଇଛନ୍ତି। ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଇ ମାଟିର ଝିଅ ଦ୍ରୌପଦୀ ମୁର୍ମୁ ଦିନେ ରାଷ୍ଟ୍ରପତି ହୋଇପାରିଲେ, ତାହା ହେଲେ ଏଠି ବସିଥିବା ପିଲାମାନେ କାହିଁକି ହୋଇ ପାରିବେନି। ଡ. ଅବଦୁଲ କାଲାମ, ଦ୍ରୌପଦୀ ମୁର୍ମୁ, ଗିରିଶ ମୁର୍ମୁ, ଅଜିତ ମହାନ୍ତି, ମୃତ୍ୟୁଞ୍ଜୟ ମହାପାତ୍ର ବି ଦିନେ ହୋଇପାରିବେ। ଏମାନେ ଆଜି ସାରା ବିଶ୍ୱରେ ଏକ ଚର୍ଚ୍ଚିତ ଚେହେରା। ତେଣୁ ପ୍ରଥମେ ଭଲ ପିଲା ହୁଅନ୍ତୁ। ଭଲ ମଣିଷ ହେବା ପାଇଁ ଆମେ ସମସ୍ତେ ମିଶି ଏକ ଭଲ ଶିକ୍ଷା ବ୍ୟବସ୍ଥା ଆରମ୍ଭ କରିବା ଉଚିତ ବୋଲି କହିଥିଲେ। ସେ ସମସ୍ତଙ୍କୁ ଅନୁରୋଧ କରି କହିଥିଲେ ଯେ, ପିଲାମନେ ନିଶ୍ଚିତ ଭାବେ ଦିନରେ ଥରେ ଗୀତା ପଢ଼ିବା ଆବଶ୍ୟକ।




**● ଭଲ ମଣିଷ ହେବା ପାଇଁ ଆମେ ସମସ୍ତେ ମିଶି ଏକ ଭଲ ଶିକ୍ଷା ବ୍ୟବସ୍ଥା ଆରମ୍ଭ କରିବା: ଡ. ପଙ୍କଜ ଜେନା**

**● ସମାଜରେ ଶିକ୍ଷକଙ୍କ ଆବଶ୍ୟକତା ରହିଛି, ପିଲାମାନେ ଶିକ୍ଷକତା ପ୍ରତି ମନ ବଳାନ୍ତୁ’: ‘ସକାଳ’ ସିଇଓ ସୁବ୍ରତ ଦାସ**

ତେବେ ଅବଦୁଲ କାଲାମ ହେଉଛନ୍ତି ସମସ୍ତଙ୍କର ପ୍ରେରଣା। ସେ ଜଣେ ଗରିବ ପରିବାରରୁ ଆସି ଜଣେ ସର୍ବୋତ୍ତମ ବୈଜ୍ଞାନିକ ହୋଇପାରିବା ସହ ବାଲେଶ୍ୱରର ଚାନ୍ଦିପୁର ଠାରେ ଆଇଟିଆର ସ୍ଥାପନ କରି ବହୁ କ୍ଷେପଣାସ୍ତ୍ର ପରୀକ୍ଷଣ କରିଥିଲେ। ଏଣୁ ତାଙ୍କୁ ବାଲେଶ୍ୱରବାସୀ ଭାବେ କୁରୁଡା ଠାରେ ହୋଇଥିବା ନୂଆ ରାସ୍ତାକୁ ଡ. ଅବଦୁଲ କାଲାମଙ୍କ ନାମରେ ନାମିତ କରିବା ସହ ସେଠାରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ପାଇଁ ପ୍ରସ୍ତାବ ରଖିଥିଲେ।

କାର୍ଯ୍ୟକ୍ରମର ଉଦ୍‌ଘାଟକ ଭାବେ ‘ସକାଳ’ର ସିଇଓ ସୁବ୍ରତ କୁମାର ଦାସ ଯୋଗଦେଇ ମାଟ୍ରିକ ଟପ୍ପର ପିଲାମାନଙ୍କୁ ସମ୍ମାନିତ କରିବା ପୂର୍ବରୁ କାର୍ଯ୍ୟକ୍ରମର ନୃତ୍ୟ ପରିବେଷଣ ଶିଳ୍ପୀମାନଙ୍କୁ ମଞ୍ଚକୁ ଡାକି ସମ୍ବର୍ଦ୍ଧିତ କରିଥିଲେ। କଳା, ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇ ଆମ ମାଟି ପାଇଁ ଗୌରବ ଆଣୁଥିବା ଶିଳ୍ପୀମାନେ ମଧ୍ୟ ଆମ ସମାଜ ପାଇଁ ଚିରବନ୍ଦନୀୟ। ଆମ ମୟୂରଭଞ୍ଜ ମାଟିର ଝିଅ ଦୌପଦୀ ମୁର୍ମୁ ଦେଶର ସର୍ବୋଚ୍ଚ ସ୍ଥାନ ଆଜି ଅଳଙ୍କୃତ କରିଛନ୍ତି। ଏମିତିକି ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜରେ ଅନେକ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନେ ବିଶ୍ୱସ୍ତରରେ ନିଜକୁ ଶ୍ରେଷ୍ଠ ପ୍ରତିପାଦିତ କରିପାରିଛନ୍ତି। ବୈଜ୍ଞାନିକ, ଡାକ୍ତର ହେବା ଆଜି ସବୁ ପିଲାଙ୍କ ଲକ୍ଷ୍ୟ। କିନ୍ତୁ ସମାଜ ଗଠନରେ ଜଣେ ଆଦର୍ଶ ଶିକ୍ଷକର ଭୂମିକା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଏଣୁ ଶିକ୍ଷକତାକୁ ପିଲାମାନେ ବାଛିବାର ବେଳ ଆସିଛି। ଯୁବ ନୃତ୍ୟଶିଳ୍ପୀ ତନ୍ମୟ ପାତ୍ରଙ୍କ ଶିବ ତାଣ୍ଡବ ନୃତ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସକାଳର ଭାବନା ସହ ଜଡ଼ିତ ତିନି ବର୍ଷ ତଳୁ ତିଆରି ହୋଇଥିଲା ଟାଇଟଲ୍ ସଙ୍ଗୀତକୁ ନେଇ ନୃତ୍ୟ ଶିଳ୍ପୀମାନେ ତାକୁ ଆଜି ଯେପରି ରୂପ ଦେଲେ ତାହା ଚମତ୍କାର ଥିଲା ବୋଲି କହିଥିଲେ।

‘ସକାଳ’ ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ଅସୀମ ମହାପାତ୍ର ଆଜିର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଉତ୍ତର ଓଡ଼ିଶାର ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ଆସିଥିବା ଟପ୍ପର ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକମାନଙ୍କୁ ସ୍ୱାଗତ ଜଣାଇବା ସହ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କରୋନା ମହାମାରୀ ସମୟରେ ଜନ୍ମ ଜାତକ ଲେଖା ହୋଇଥିବା ‘ସକାଳ’ ଦୈନିକ ଖବର କାଗଜ ତା’ର ସାମାଜିକ ଦାୟିତ୍ୱବୋଧକୁ ପ୍ରତିପାଦିତ କରି ଚାଲିଛି। ଡିସେମ୍ବର ୧ ତାରିଖ ଏଡସ୍ ସଚେତନତାକୁ ନେଇ ମିନି ମାରାଥନ ହେଉ ଅବା ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରିବାକୁ ଭୁଲେ ନାହିଁ। ସୀମାନ୍ତବର୍ତ୍ତୀ ବ୍ଲକ ଠାରୁ ଆରମ୍ଭ କରି ସଦର ପର୍ଯ୍ୟନ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ସକାଳ ଓ ନନ୍ଦିଘୋଷ ଟିଭିର ମାଟ୍ରିକ ଉତ୍କର୍ଷ ସମ୍ମାନ-୨୦୨୪ରେ ସମ୍ବର୍ଦ୍ଧନା ପୂର୍ବକ କୁନି ପ୍ରତିଭାଙ୍କ ଏହା ହେଉଛି ଏକ ସ୍ୱତନ୍ତ୍ର ପ୍ଲାଟଫର୍ମ ବୋଲି ଅଭିହିତ କରିଥିଲେ। ଏହି ଅବସରରେ ଉଦଘୋଷକ ଅମୟ କୁମାର ଦାସ ମଞ୍ଚ ସଞ୍ଚାଳନା କରିଥିଲେ। ପ୍ରାରମ୍ଭରେ ଟପ୍ପରମାନେ ନିଜର ମନର କଥା ଓ ଭବିଷ୍ୟତର ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ନୃତ୍ୟ ଗୁରୁ ନିର୍ମଳା ଭୋଇଙ୍କ ନିର୍ଦ୍ଦେଶନାରେ ରୟାଲ ୟୁନିକ ଡ୍ୟାନସ ଗ୍ରୁପ ପକ୍ଷରୁ ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ତିନୋଟି ଜିଲ୍ଲାର ଟପ୍ପର ସ୍କୁଲ, ଟପ୍ପର ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ତର ଓଡ଼ିଶା ବିଜ୍ଞାପନ ବିଭାଗର ଆସିଷ୍ଟାଂଟ ମ୍ୟାନେଜର ଧୃତିସୁନ୍ଦର ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ନନ୍ଦିଘୋଷ ଟିଭିର ବ୍ୟୁରୋ ମୁଖ୍ୟ ରାଜକିଶୋର ବେହେରା, ମୟୂରଭଞ୍ଜ ଜିଲ୍ଲା ପ୍ରତିନିଧି ମନୋଜ କୁମାର ପଣ୍ଡା, ପ୍ରସାରଣ ବିଭାଗର ଆସିଷ୍ଟାଂଟ ମ୍ୟାନେଜର ପ୍ରିୟବ୍ରତ ଦାସ, ମାନବ ସମ୍ବଳ ବିଭାଗର କମଲ ଲୋଚନ ଖୁଣ୍ଟିଆ, ବାଲେଶ୍ୱର ସହର ପ୍ରତିନିଧି କଳିଙ୍ଗ କୁମାର ସାହୁ, ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି, ମୃତ୍ୟୁଞ୍ଜୟ ପଟ୍ଟନାୟକ, ଶୁଭଲକ୍ଷ୍ମୀ ରାଉତ, ବାରିପଦା ସହର ପ୍ରତିନିଧି ବିଶ୍ୱଜିତ ଭୂୟାଁ, ଉତ୍ତର ବାଲେଶ୍ୱର ପ୍ରତିନିଧି ବିଶ୍ୱମ୍ବର ଦାସ, ଦକ୍ଷିଣ ବାଲେଶ୍ୱର ପ୍ରତିନିଧି ଅଶୋକ କୁମାର ପ୍ରଧାନ, ଭିଡିଓ ଜର୍ଣ୍ଣାଲିଷ୍ଟ ଭବାନୀ ଶଙ୍କର ବେହେରା, ପ୍ରସାରଣ ବିଭାଗର ବାଲେଶ୍ୱର ମୁଖ୍ୟ ରବି ଚନ୍ଦ୍ର ବେହେରା, ବାରିପଦା ପ୍ରସାରଣ ବିଭାଗର ଉମାକାନ୍ତ ମାଝୀ, ଅଫିସ ସହଯୋଗୀ ରମେଶ ଚନ୍ଦ୍ର ଦାସ, ବାହାନଗା ପ୍ରତିନିଧି ରୁଚିକ ରଞ୍ଜନ ମହାପାତ୍ର, ବସ୍ତା ବ୍ଲକ ପ୍ରତିନିଧି ଦୀପକ କୁମାର ପରିଡ଼ା, ବସ୍ତା ପ୍ରତିନିଧି ଏସକେ ଜାଗିରୁଦ୍ଦିନ, ନୀଳଗିରି ପ୍ରତିନିଧି ଉମାକାନ୍ତ ରାଉତ, ଭୋଗରାଇ ପ୍ରତିନିଧି ଦିଲ୍ଲୀପ କୁମାର ଦାସ, ଚନ୍ଦନେଶ୍ୱର ପ୍ରତିନିଧି ବନମାଳି ବେହେରା, ଭୁଷଣ୍ଡେଶ୍ୱର ପ୍ରତିନିଧି ରାଜେଶ ମାଝୀ, ହଳଦୀପଦା ପ୍ରତିନିଧି ଚୈତନ୍ୟ ସାହୁ ପ୍ରମୁଖଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

















